### ଗଞ୍ଜାମର ପ୍ରସିଦ୍ଧ ଗଣପର୍ବ ମେରୁଯାତ୍ରା ସମ୍ପନ୍ନ

# ମା'ଙ୍କ ଆଶୀର୍ବାଦ ସହ ଶେଷ ହେଲା ଦଣ୍ଡୁଆଙ୍କ ମାନସିକ ବ୍ରତ

ବ୍ରହ୍ମପୁର, ୧୪।୪(ସମିସ): ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଦଣ୍ଡନାଚ ରବିବାର ଉଦଯାପିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ମେରୁଯାତ୍ରା ପାଳନ କରାଯାଇଥିଲା। ସହରର ବିଭିନ୍ନ କାଳୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରଲକ୍ଷିତ ହୋଇଛି। ଦଣ୍ଡୁଆମାନେ ରବିବାର ଶେଷ ଦିବସରେ ରୀତିନୀତି ଅନୁସାରେ ବିଭିନ୍ନ ଦଣ୍ଡନାଚ ପରିବେଷଣ କରିବା ସହ ମଧରାତ୍ରିରେ ସେମାନଙ୍କ ବ୍ରତ ସମାହିତ କରିଥିବା ଜଣାପଡ଼ିଛି। ମେରୁଯାତ୍ରା ନେଇ ସହରରେ ଆନନ୍ଦ ଉଲ୍ଲାସ ଦେଖାଦେଇଛି।







୧୩, ୧୮ ଓ ୨୧ଦିନ ଧରି ଚାଲିଥିବା ଦଣ୍ଡଯାତ୍ରା ଉଦଯାପିତ ହୋଇଛି। ସହରର ପାଣିଗ୍ରାହୀପେଣ୍ଠ ସାହି ସ୍ଥିତ ଦଣ୍ଡନାଚ ଶ୍ରଦ୍ଧାଳୁଙ୍କୁ ବେଶ ଆକର୍ଷିତ କରିଥିବା ବେଳେ ସେଠାରେ ଭକ୍ତଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଏଠରେ ଦଣ୍ଡୁଆଙ୍କ ସଂଖ୍ୟା ପ୍ରାୟ ୧୩ଶହରୁ ଉର୍ଦ୍ଧ୍ୱ ରହିଥିଲା। ସେହିପରି ସହରର ହରିଡ଼ାଖଣ୍ଡି, ନୂଆ ବସଷ୍ଟାଣ୍ଡ ନିକଟ କାଳୀମନ୍ଦିର, ପାତାଳେଶ୍ୱର ମନ୍ଦିର ନିକଟ କାଳୀମନ୍ଦିର, ଗୋଷାଣୀନୂଆଗାଁ ଦଣ୍ଡକାଳୀ ମନ୍ଦିର, ଶାଳିଆବନ୍ଧ ଦଣ୍ଡକାଳୀ ମନ୍ଦିର, ବ୍ରଜନଗର ଦଣ୍ଡକାଳୀ ମନ୍ଦିର, ବିଜିପୁର ଦଣ୍ଡକାଳୀ ମନ୍ଦିର, ରାମଲିଙ୍ଗେଶ୍ୱର ଦଣ୍ଡକାଳୀ, ସହର ଉପକଣ୍ଠ ଲାଞ୍ଜିଆ, ବାଳକୃଷ୍ଣପୁର, ଲୋଚାପଡ଼ା, ଆମ୍ବପୁଆରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପୂର୍ବାହ୍ନରେ ଦଣ୍ଡୁଆମାନେ ଧୂଳିଦଣ୍ଡ, ପାଣିଦଣ୍ଡ, ଅଗ୍ନିଦଣ୍ଡ ପ୍ରଦର୍ଶନ କରିଥିବା ବେଳେ ଅପରାହ୍ନରେ ଅନ୍ତିମ ପୂଜା ଅନୁଷ୍ଠିତ ହୋଇଥିଲା। ପାଟଭୁକ୍ତାଙ୍କୁ ମେରୁକୁଣ୍ଡ ନିକଟରେ ଝୁଲାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏଥିପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ବେଳେ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁବକ୍ସି ପାତ୍ର, ବିଧାୟକ ପ୍ରାର୍ଥୀ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ଅର୍ବାନ ବ୍ୟାଙ୍କ ସଭାପତି ଆର ମୁରଲି. ସୁବାସ ମହାରଣାଙ୍କ ସମେତ ବହୁ ବିଜେଡ଼ି କର୍ପୋରେଟର ଓ ନେତା ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ବିଭିନ୍ନ ମନ୍ଦିରରେ ଦର୍ଶନ କରି ମା'ଙ୍କ ଆଶିଷ ଭିକ୍ଷା କରିଥିଲେ।

## ରେଳଧାରଣାରୁ ଉଦ୍ଧାର ମୃତକଙ୍କ ପରିଚୟ ମିଳିଲା

ବ୍ରହ୍ମପୁର, ୧୪।୪(ସମିସ): ରେଳବାଇ ପୁଲିସ (ଜିଆରପି) ରମ୍ଭା ରେଳ ଓଭର ବ୍ରିଜ ତଳଦେଇ ଯାଇଥିବା ରେଳଧାରଣାରୁ ଜଣେ କିନ୍ନରଙ୍କ ମୃତଦେହ ଗତ ୧୨ ତାରିଖ ସନ୍ଧ୍ୟାରେ ଜବତ କରିଥିଲା। ଘଟଣା ଦିନ ମୃତକଙ୍କ ପରିଚୟ ମିଳିପାରି ନଥିଲା। ସେପଟେ ଘର ଲୋକ ଖୋଜାଖୋଜି କରୁଥିବା ବେଳେ ଅଜଣା ମୃତଦେହ ରେଳଧାରଣରୁ ମିଳିଥିବା ଖବର ଶୁଣିବାକୁ ପାଇଥିଲେ। ମୃତକଙ୍କ ବାପା ନିରଞ୍ଜନ ବାରିକ ଜିଆରପି ପୋଲିସ ଷ୍ଟେସନରେ ପହଞ୍ଚିଥିଲେ। ପରେ ସେ ପୋଲିସ ଉପସ୍ଥିତିରେ ଏମକେସିଜିରେ ପହଞ୍ଚି ପୁଅଙ୍କ ମୃତଦେହ ଚିହ୍ନଟ କରିଛନ୍ତି। ଯାହାଫଳରେ ମୃତ ଯୁବକଙ୍କ ପରିଚୟ ପୋଲିସ ସ୍ପଷ୍ଟ କରିଛି। ମୃତକ ଜଣଙ୍କ ହେଲେ ଖୋର୍ଦ୍ଧା ଅଞ୍ଚଳର ନରେନ୍ଦ୍ର ବାରିକ (୨୪) ବୋଲି ପୋଲିସ କହିଛି। ଅଜଣା ମୃତଦେହ ବ୍ୟବଛେଦ ପରେ ଏମକେସିଜି ମେଡିକାଲରେ ସଂରକ୍ଷିତ ରଖାଯାଇଥିବା ବେଳେ ପୋଲିସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା କହିଛି। ଏସଂକ୍ରାନ୍ତରେ ପୋଲିସ ୨୯/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତକଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନଥିବା ବେଳେ ତାଙ୍କର କିପରି ମୃତ୍ୟୁ ଘଟିଛି ସେ ନେଇ ପୋଲିସ ଏବେ ସେ ଦିଗରେ ତଦନ୍ତ ଚଳାଇଛି। ଘଟଣାରୁ ପ୍ରକାଶ ଯେ, ଗତ ଶୁକ୍ରବାର ରମ୍ଭା ରେଳଧରଣା କଡ଼ରେ ଏକ ମୃତଦେହ ପଡ଼ିଥିବା ଖବର ପାଇ ପୋଲିସ ସେଠାରେ ପହଞ୍ଚିଥିଲା। ମୃତକଙ୍କ ପରିଚୟ ମିଳିନଥିବା ବେଳେ ସେ ଏକ ଶାଢ଼ୀ ଓ ସାୟା ପିନ୍ଧିଥିବା ଦେଖିବାକୁ ପାଇଥିଲା। ଆଖପାଖ ଅଞ୍ଚଳର ଲୋକଙ୍କୁ ମୃତକଙ୍କ ପରିଚୟ ଜାଣିବା ପାଇଁ ପୁଲିସ ପଚରାଉଚରା କରିଥିଲା। ହେଲେ ତାଙ୍କର ପରିଚୟ ଜଣାପଡ଼ିନଥିଲା। ଶେଷରେ ମୃତକଙ୍କ ବାପା ଜିଆରପି ଥାନାରେ ପହଞ୍ଚି ପୁଅର ମୃତଦେହ ଚିହ୍ନଟ କରିଥିଲେ।

## ଏସ୍‌ସି ଓ ଏସ୍‌ଟି ବିକାଶ ମହାମଞ୍ଚର ଆମ୍ବେଦକର ଜୟନ୍ତୀ



ବ୍ରହ୍ମପୁର, ୧୪।୪(ସମିସ): ଡଃ ଭୀମାରାଓ ରାମଜୀ ଆମ୍ବେଦକର ବ୍ରହ୍ମପୁର ମହାନଗର ଏସସି/ଏସଟି ବିକାଶ ମହାମଞ୍ଚ ପକ୍ଷରୁ ସ୍ଥାନୀୟ ଇଂଜିନିୟରିଂ ସ୍କୁଲ ଛକ ନିକଟରେ ଥିବା ଭାରତ ରତ୍ନ ଡଃ ଆମ୍ବେଦକରଙ୍କ ୧୩୩ତମ ଜନ୍ମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଦୈନିକ ସକାଳ ଖବର କାଗଜର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ମଳୟ ବିଶୋୟୀ ଓ ସମାଜସେବୀ ବନମାଳୀ ସେଠୀ ଉପସ୍ଥିତ ରହି ବାବାସାହେବଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିକାଶ ମଞ୍ଚର ସଭାପତି ଭାସ୍କର ହାତୀ, ସାଧାରଣ ସମ୍ପାଦକ ବିଷ୍ଣୁପ୍ରିୟା ନାୟକ, କାର୍ଯ୍ୟକାରୀ ସଭାପତି ଅଶୋକ ନିମାଇଁ, ଅଧକ୍ଷ ଗାଗାରିନ ନାୟକ, ଶୂନ୍ୟ ଚନ୍ଦ୍ର ଦାସ, ବରିଷ୍ଠ ଉପଦେଷ୍ଟା ଟି. ବଳରାମ, ସଙ୍ଗଠନ ସମ୍ପାଦକ ଟି. ଶିବ କୁମାର ଓ ଅନ୍ୟାନ୍ୟ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ନବବର୍ଷର ଶୁଭେଚ୍ଛା ଜଣାଇ ପଣା ବଣ୍ଟନ



ବ୍ରହ୍ମପୁର, ୧୪।୪(ସମିସ): ମେରୁ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ପାଳନ ଅବସରରେ ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହରର ବିଭିନ୍ନ ସ୍ଥାନରେ ବିଭିନ୍ନ ସଙ୍ଗଠନ, ବ୍ୟବସାୟୀ, ଯୁବକ ଓ ସ୍ୱେଚ୍ଛାସେବୀମାନେ ନବାତ, ଦହି ପଣା, ହାଲୁଆ ତରଭୁଜ ଜୁସ୍ ଆଦି ବଣ୍ଟନ କରିଛନ୍ତି। ରାସ୍ତାରେ ଯାଉଥିବା ପଥାରୋହୀଙ୍କୁ ପଣା ଦେବା ସହ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପକ୍ଷରେ ସହରରେ ଧୀରେ ଧୀରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାରୁ ବିଭିନ୍ନ ସ୍ଥାନରେ ପଣା ବଣ୍ଟନଙ୍କୁ ନେଇ ବାଟୋଇ ବେଶ୍ ଖୁସି ଥିବା ଦେଖିବାକୁ ମିଳିଥିଲା। ଥଣ୍ଡା ପଣା ଓ ପାଣି ବାଟୋଇମାନଙ୍କୁ ଆଶ୍ୱସ୍ତି ମିଳିଥିଲା।

● ଅଗ୍ନିଶମ ସେବା ସପ୍ତାହ ଓ ସହିଦ ଦିବସ ପାଳିତ

## ୨୦ ଯାଏଁ ଅଗ୍ନିଶମ ସେବା ସପ୍ତାହ ପାଳନ



ବ୍ରହ୍ମପୁର, ୧୪।୪(ସମିସ):ଅଗିଶମ ବିଭାଗ ପକ୍ଷରୁ ୮୦ତମ ଅଗ୍ନିଶମ ସହିଦ ଦିବସ ତଥା ୭୯ତମ ଅଗ୍ନିଶମ ସେବା ସପ୍ତାହ ପାଳିତ ହୋଇଯାଇଛି। ଗୋପାଳପୁର ଜଙ୍କସନ ସ୍ଥିତ ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀଙ୍କ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ଅଗ୍ନିଶମ କେନ୍ଦ୍ରରେ ଏହି ଦିବସ ତଥା ସପ୍ତାହ ପାଳନ କରାଯାଇଥିଲା। ଆସନ୍ତା ୨୦ ତାରିଖ ଯାଏଁ ଚାଲିବାକୁ ଥିବା ଏହି ସେବା ସପ୍ତାହରେ ଲୋକଙ୍କ ମଧ୍ୟରେ ଅଗ୍ନିସେବା ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ରହିଛି ବୋଲି ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀ ବିଚିତ୍ର କୁମାର ପଣ୍ଡା କହିଛନ୍ତି। ୧୯୪୪ରେ ମୁମ୍ବାଇ ମୁନିସିପାଲ ଫାୟାର ସର୍ଭିସର ୬୬ ଜଣ କର୍ମଚାରୀ ସେଠାରେ ଏକ ପାଣି ଜାହାଜର ନିଆଁକୁ ଆୟତ୍ତ କରିବାକୁ ଯାଇ ନିଜର ପ୍ରାଣ ହରାଇଥିଲେ। ସେହିପରି ବିଗତ ଦିନରେ କେରଳ, ଆସାବ ଓ ବିହାରର ୩ଜଣ ସେବା ଯୋଗାଇବା ବେଳେ ଶହିଦ ହୋଇଥିଲେ। ସେହି କର୍ମଚାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଜିର ଦିନକୁ ଅଗ୍ନିଶମ ସହୀଦ ଦିବସ ସହିତ ଅଗ୍ନିଶମ ସେବା ସପ୍ତାହ ପାଳନ କରାଯାଇ ଆସୁଛି। ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ୧୯୬୮ ମସିହାରେ ଭାରତ ସରକାର ଆଜି ପର୍ଯ୍ୟନ୍ତ ଉକ୍ତ କର୍ମଚାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଦିନକୁ ଅଗ୍ନିଶମ ସହୀଦ ଦିବସ ସହିତ ଅଗ୍ନିଶମ ସେବା ସପ୍ତାହ ପାଳନ କରିବାକୁ ନିଷ୍ପତି ନେଇଥିବା ଏଠାରେ କୁହାଯାଇଛି। କାର୍ଯ୍ୟକ୍ରମରେ ଉପଅଗ୍ନିଶମ ଅଧିକାରୀ ସୁଶାନ୍ତ କୁମାର ବିଶ୍ୱାଳ, ସହାକରୀ ଅଗ୍ନିଶମ ଅଧିକାରୀ ଠାକୁର ପ୍ରସାଦ ଦଳେଇ, ଷ୍ଟେସନ ଅଫିସର ସୁଶାନ୍ତ କୁମାର ମହାପାତ୍ରଙ୍କ ସମେତ ବହୁ ଆଗ୍ନିକ ଉପସ୍ଥିତ ଥିଲେ।

## ବିଷୁବ ମିଳନ ସମାରୋହ

ବ୍ରହ୍ମପୁର, ୧୪।୪(ସମିସ): ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ମହାବୀର ଜୟନ୍ତୀ ଅବସରରେ ସାପ୍ତାହିକ ଖବର କାଗଜ 'ବିକଳ୍ପ' ପକ୍ଷରୁ ମହାବିଷୁବ ମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କମ୍ପାପଲ୍ଲୀ ବଡସାହି ସ୍ଥିତ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ କବି ସମ୍ମିଳନୀ, ପ୍ରତିଭା ସମ୍ମାନ ପ୍ରଦାନ, ପତ୍ରିକା ଉନ୍ମୋଚନ ଓ ଆଲୋଚନା ଚକ୍ର ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ବାହ୍ନରେ ବିକଳ୍ପର ପରିଚାଳନା ସମ୍ପାଦକ ଜୟରାମ ମହାରଣା ଓ ସାରସ୍ୱତ ସଭାର ସଭାନେତ୍ରୀ କବୟତ୍ରୀ ଦେବିପ୍ରଭା ରଥ ଉପସ୍ଥିତ ରହି ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କବୟତ୍ରୀ ନମିତାରାଣୀ ରାଉତ, ବିଦୁଷୀ ଲୋପା ସାମଲ, ପ୍ରଶାନ୍ତ କୁମାର ମହାପାତ୍ର, ପ୍ରକାଶ ଚନ୍ଦ୍ର ମହାରଣା, ସୁନନ୍ଦା ପାଢ଼ୀ, ପଦ୍ମିନୀ ମିଶ୍ର, ନିହାରିକା ସାହୁ, ଡଃ ନଳିନୀ ପ୍ରଭା ଦାଶ ଓ ସୁଚେତା ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ବହୁ କବି ଓ କବୟତ୍ରୀ ସ୍ୱରଚିତ କବିତା ଗୁଡିକୁ ପାଠ କରିଥିଲେ।




କାର୍ଯ୍ୟକ୍ରମରେ ଅତିଥିଭାବେ କାଜୁ ନିଗମ ଅଧକ୍ଷ ସୁବାଷ ମହାରଣା ଯୋଗ ଦେଇଥିଲେ। ପରେ ଆୟୋଜିତ ପ୍ରତିଭା ସମ୍ମାନ ଓ ଆଲୋଚନ ଚକ୍ରରେ ଦୈନିକ ସକାଳ ଖବର କାଗଜର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ, ମହାନ ସଂଘର ସଭାପତି ସୁଶାନ୍ତ କୁମାର ସାବତ, ବରିଷ୍ଠ ସାମ୍ବାଦିକ ଏଲ. ସୁଦାମ ଦାସ ଓ ସୁଦୀପ କୁମାର ସାହୁ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ରହି ଗଣତନ୍ତ୍ରରେ ଗଣମାଧମର ଭୂମିକା ଶିର୍ଷକ ବିଷୟ ଉପରେ ନିଜନିଜର ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ବିକଳ୍ପ ପତ୍ରିକାର ଉନ୍ମୋଚନ କରାଯାଇଥିଲା। ପରିଶେଷରେ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ଯଥା ବରିଷ୍ଠ ସାମ୍ବାଦିକ ବି.କେ.ବିଶାରଦ, ପ୍ରଦୀପ ପଣ୍ଡା ଓ ରାଜା ରାଓଙ୍କ ସମେତ ବହୁ ବ୍ୟକ୍ତି ବିଶେଷଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ଅବସରରେ ଗୁପ୍ତେଶ୍ୱର ଘଣ୍ଟ କୀର୍ତ୍ତନ ଓ ସଂକୀତନ ମଣ୍ଡଳୀ ଗୋପପୁର (ଖଲ୍ଲିକୋଟ) ପକ୍ଷରୁ ଲୋକକଳା ପ୍ରଦର୍ଶନ କରାଯାଇଥିଲା। ଏକ ରାଜ୍ୟ ସ୍ତରୀୟ କବିତାପାଠଉତ୍ସବ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କବିୟତ୍ରୀ ସୁନନ୍ଦା ପାଢ଼ୀ, ନିହାରିକା ସାହୁ, ପଦ୍ମିନୀ ମିଶ୍ର ଓ ସୁଚେତା ପାଣିଗ୍ରାହୀ ସଂଯୋଜନା କରିଥିବା ବେଳେ ଡଃ ନଳିନୀ ପ୍ରଭା ଦାସ ଓ ବିଶିଷ୍ଟ କବିୟତ୍ରୀ ନମିତା ରାଣୀ ରାଉତ ସମୀକ୍ଷା କରିଥିଲେ। କବିତା ଆସରରେ କବି ଜାଗିଲି ପାଣିଗ୍ରାହୀ, ଟି.କାଳୀ ପ୍ରସାଦ ରାଓ, ରଥ ଦିଗକ୍ଷଳ, ମନୋଜ ପାଣିଗ୍ରାହୀ, ସସ୍ମିତା ମିଶ୍ର, ଅଙ୍କନ ସ୍ୱାଇଁ, କପିଳ ଚନ୍ଦ୍ର ମହାନ୍ତି, ଜ୍ୟୋତ୍ସ୍ନା ମହାନ୍ତି, ମନୋଜ ପାଢ଼ୀ, ସନ୍ତୋଷୀ ସମୁଦ୍ର, ଲୋପା ସାମଲ, ରମେଶ ଚନ୍ଦ୍ର ସାହୁ, ସୁବ୍ରତ ରଥ, ପ୍ରଦୀପ କୁମାର ପଣ୍ଡା, ମଧୁସ୍ମିତା ସାହୁ, ଡ଼ଃ ଗୁଣାକର ରଥ, ପ୍ରହ୍ଲାଦ ଡାକୁଆ, ନାରାୟଣ ଗୌଡ଼, ବିଦ୍ୟାଧର ଗୋଛାୟତପୀତବାସ ମହାରଣା, ପ୍ରଫୁଲ୍ଲ ଜେନା, ଅନ୍ୱେଷା ତ୍ରିପାଠୀ, ରାଧାଚରଣ ନାୟକ, ଲିଙ୍ଗରାଜ ଜେନା, ମିହିରକୁମାର ରଥଶର୍ମା ଓ ସୁଧୀର କୁମାର ପ୍ରଧାନ ପ୍ରମୁଖ ଶତାଧିକ କବି ଯୋଗଦାନ କରି ସ୍ୱରଚିତ କବିତା ପଠନ କରିଥିଲେ।

## ମହାନ ସଂଘ ପକ୍ଷରୁ ବିଷୁବ ମିଳନ ପାଳିତ

ବ୍ରହ୍ମପୁର, ୧୪।୪(ସମିସ): ପବିତ୍ର ବିଷୁବ ସଂକ୍ରାନ୍ତି ଅବସରରେ ବ୍ରହ୍ମପୁର ଉପକଣ୍ଠ ରାମଚନ୍ଦ୍ରପୁର ସ୍ଥଇତ ବିଶ୍ୱ ନିକେତନ ପରିସରରେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ମହାନ ସଂଘ ପକ୍ଷରୁ ବିଷୁବ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଶ୍ରୀ ଶ୍ରୀ ବାଲ ବଜରଙ୍ଗୀଙ୍କ ପ୍ରତିଷ୍ଠା ଉତ୍ସବ, ହୋମ ଯଜ୍ଞ ଓ ପଣା ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଭାପତି ସୁଶାନ୍ତ କୁମାର ସାବତଙ୍କ ସଭାପତିତ୍ୱରେ ପଣ୍ଡିତ ନୀଳମାଧବ ତ୍ରିପାଠୀଙ୍କ ଦ୍ୱାରା ହୋମଯଜ୍ଞ ଆହୁତ ହୋଇଥିଲା। ସାଧାରଣ ସମ୍ପାଦକ ପ୍ରଶାନ୍ତ ପାତ୍ର ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଡଃ ସୌଭାଗ୍ୟଲକ୍ଷ୍ମୀ ପଟ୍ଟନାୟକ, ଶ୍ରୀକାନ୍ତ ସାବତ, ରୁପକାନ୍ତ ସାମନ୍ତରା, ମନୁ ପାଢ଼ୀଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଓ ଅନ୍ତେବାସୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ପୂଜ୍ୟପୂଜା ସମିତି ପକ୍ଷରୁ ଆମ୍ବେଦକର ଜୟନ୍ତୀ ପାଳିତ



ବ୍ରହ୍ମପୁର, ୧୪।୪(ସମିସ): ସ୍ଥାନୀୟ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପୂଜ୍ୟ ପୂଜା ସମିତି ପକ୍ଷରୁ ବିଶ୍ୱରତ୍ନ ବାବାସାହେବ ଆମ୍ବେଦକରଙ୍କ ୧୩୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ସମିତି ପକ୍ଷରୁ ଆମ୍ବେଦକରଙ୍କ ଫଟୋଚିତ୍ରକୁ ସାଙ୍ଗରେ ଧରି ପ୍ରଭାତ ଫେରି ମାଧ୍ୟମରେ ସହରରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ପରେ ଲାଞ୍ଜିପଲ୍ଲୀ ସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଏକ ସ୍ମୃତିସଭାର ଆୟୋଜନ କରାଯାଇଥିଲା। ସମିତିର ସମ୍ପାଦକ ଏସ. ସାମ୍ବଶିବା ରାଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ମୃତି ସଭାରେ ସହରର ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ ସାମିଲ ହୋଇଥିଲେ। ଆମ୍ବେଦକର ଜଣେ ବିଶିଷ୍ଟ ରାଜନୀଜ୍ଞ, ଆଇନଜ୍ଞ, ସମ୍ବିଧାନ ବିଶାରଦ ଓ ଅର୍ଥନୀତିଜ୍ଞ ଥିଲେ। ସ୍ୱାଧିନ ଭାରତର ବୃହତ୍ତ ଲିଖିତ ସମ୍ବିଧାନ ରୁପଦାନରେ ତାଙ୍କର ଭୂମିକା ଅତୁଳନୀୟ ଥିଲା। ଜଣେ ଅର୍ଥନୀତିଜ୍ଞ ଭାବେ ଆମ୍ବେଦକରଙ୍କ ମତରେ ଭାରତୀୟ ଅର୍ଥ ବ୍ୟବସ୍ଥାର ଦୁର୍ବଳତାର ମୁଖ୍ୟ କାରଣ ହେଲା ଭୂ-ସଂସ୍କାର କାର୍ଯ୍ୟରେ ବିଳମ୍ବ। ଏହାସହିତ ଆର୍ଥିକ ଶୋଷଣ ଓ ସାମାଜିକ ଅନ୍ୟାୟର ବିଲୋପ ଏକାନ୍ତ ଜରୁରୀ। ଜମିଦାର ପ୍ରଥାର ବିଲୋପ ନିତାନ୍ତ ଆବଶ୍ୟକ। ଭୂମିହୀନ ଶ୍ରମିକଙ୍କୁ ଭୂମି ଯୋଗାଇଦେବା ଓ କୃଷିର ଜାତୀୟକରଣ ସପକ୍ଷରେ ଯୁକ୍ତି ବାଢିଥିଲେ। ସମାଜବାଦର ପ୍ରବର୍ତ୍ତନ ଦ୍ୱାରା ହିଁ ଧୋରୁ ଦାରିଦ୍ର୍ୟ ଦୂର କରାଯାଇପାରିବ ବୋଲି କହିବା ସହ ଜାତିପ୍ରଥା ଓ ଅସ୍ପୃଶ୍ୟତା ହିନ୍ଦୁ ସମାଜର ପ୍ରଧାନ କଳଙ୍କ ବୋଲି ମତରଖି ଆଦର୍ଶ ସମାଜ ଗଠନ ପାଇଁ ସମାନତା, ସ୍ୱାଧିନତା ଓ ଭାତୃତ୍ୱ ଭାବ ହିଁ ଏକମାତ୍ର ମୂଳ ଆଧାର ବୋଲି କହିଥିଲେ। ଅପରାହ୍ନରେ ବିଜିପୁର କମ୍ୟୁନିଟି ହଲରେ ସାମ୍ପ୍ରତିକ ଫାସିବାଦୀ ବ୍ୟବସ୍ଥାରେ ବାବାସାହେବ ଆମ୍ବେଦକରଙ୍କ ଆଦର୍ଶଗତ ସଂଘର୍ଷର ଆବଶ୍ୟକତା ଶିର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମିତି ନେତା ଅଳକନାଥ ମିଶ୍ର, ବିକାଶ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଡା ଗୋପବନ୍ଧୁ ବେହେରା, ଟିମ କ୍ଳିନ ସିଟିର ଆବାହକ ଶକ୍ତିଧର ରାଜଗୁରୁ, ବରିଷ୍ଠ ସାମ୍ବାଦିକ ରବି ରଥ, ଏଚଆରଓ ଅନୁଷ୍ଠାନର କେ. ନନ୍ଦେସୁ ସେନାପତି, ଶ୍ୟାମସୁନ୍ଦରଖାଡାଙ୍ଗା, ସୁବାଷ ଚନ୍ଦ୍ର ମିଶ୍ର, ପି.ଶଙ୍କର ରାଓ, ଅମୂଲ୍ୟଚନ୍ଦ୍ର ପଣ୍ଡା, ସୁରେନ୍ଦ୍ରନାଥ ପଣ୍ଡା, ବିଷ୍ଣୁପ୍ରିୟା ସାହୁ, ସତ୍ୟନାରାୟଣ ନାୟକ, ରାଜେଶ କୁମାର ସାହୁ, ଅସିତ କୁମାର ପଣ୍ଡା, ନାଗେଶ୍ୱର ପୃଷ୍ଟି, ଟୁକୁ ଦଳେଇ, ସୂର୍ଯ୍ୟ ନାରାୟଣ ଚୌଧୁରୀ, ସୀମାଞ୍ଚଳ ଶତପଥୀ, ସରିତା ଖେମାନୀ, ଅଞ୍ଜଳୀ ମହାନ୍ତି, ସସ୍ମିତା, ଯାଜ୍ଞସେନୀ ଜେନା, ପ୍ରମୋଦ କୁମାର ଦଳାଇ, ସୁବାଷ ଚନ୍ଦ୍ର ମାଝି, ଆର.କେ.ସାହୁ, ଗୋକୁଳ ବେହେରା, ଅଶୋକ କୁମାର ଦଳାଇ, ପୂଜାରୀ ମହାରଣା, ଡାଦନିଏଲ ଦାସ, ଅସନ୍ତୁଲୁ ରେଡ୍ଡୀ, ରାମ ବାବୁ ଓ ଅବନୀ ଗୟା ପ୍ରମୁଖ ଉପସ୍ଥିତ ଥିଲେ।

● ଦୋକାନରୁ ଟଙ୍କା ଚୋରି

## ବନ୍ଧା ହେଲେ ଦୁଇ ନାବାଳକ

ବ୍ରହ୍ମପୁର, ୧୪।୪(ସମିସ): ଗୋଷାଣୀନୂଆଗାଁ ଅଞ୍ଚଳର ଏକ ଚାଉଳ ମିଲ ନିକଟରେ ଥିବା ଏକ ତେଜରାତି ଦୋକାନରୁ ଚୋରି ଘଟଣାରେ ପୁଲିସ ୨ ଜଣ ନାବାଳକଙ୍କୁ କାବୁ କରିଛି। ଉଭୟ ନାବାଳକଙ୍କୁ କିଶୋର ନ୍ୟାୟ ବୋର୍ଡରେ ହାଜର କରାଯାଇଛି। ଗତକାଲି ଉଭୟ ନାବାଳକ ରାତିରେ ଏହି ଦୋକାନର ତାଲା ଭାଙ୍ଗି ନଗଦ ୮୬୪୫ ଟଙ୍କା ସହ ତେଲ ପ୍ୟାକେଟ, ସିଗାରେଟ ପ୍ୟାକେଟ ଚୋରି କରି ନେଇ ଯାଇଥିଲେ। ଘଟଣା ସମ୍ପର୍କରେ ମୟୁରୀ ବିହାର ନିବାସୀ ତଥା ଦୋକାନ ମାଲିକ କାଳୁ ପାତ୍ର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ଉଭୟ ନାବାଳକଙ୍କ ସମ୍ପୃକ୍ତି ବିଷୟରେ ଜଣାପଡ଼ିବା ପରେ ସେମାନଙ୍କୁ କାବୁ କରାଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶକ୍ରମରେ ଉଭୟଙ୍କ ସୁଧାର ଗୃହକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

## ବିଭିନ୍ନ ମନ୍ଦିର ବୁଲି ଆଶୀର୍ବାଦ ଭିକ୍ଷାକଲେ ବିଜେଡି ପ୍ରାର୍ଥୀ

ବ୍ରହ୍ମପୁର, ୧୪।୪(ସମିସ): ସହରରେ ବିଭିନ୍ନ ଦଳର ପ୍ରାର୍ଥୀମାନେ ପ୍ରଚାର ପ୍ରସାରକୁ ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ବିଜୁ ଜନତା ଦଳର ପ୍ରାର୍ଥୀମାନେ ଭୋଟରଙ୍କୁ ବେଶ୍ ଆକୃଷ୍ଟ କରିଥିବା ଦେଖିବାକୁ ମିଳିଛି। ବିଜେଡିର ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଲୋକଙ୍କ ନିକଟତର ହୋଇପାରିଛନ୍ତି। ରବିବାର ଗଞ୍ଜାମର ପ୍ରସିଦ୍ଧ ମେରୁଯାତ୍ରା ସମେତ ଓଡ଼ିଆ ନବବର୍ଷ ରହିଥିଲା। ଏ ଅବସରରେ ସହରର ବିଭିନ୍ନ କାଳି ଓ ହନୁମାନ ସମତେ ଅନ୍ୟାନ୍ୟ ମନ୍ଦିରରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଡ଼ା.ଚ୍ୟାଉପଟ୍ଟନାୟ, ମେୟର ସଂଘମିତ୍ରା ଦଳେଇ, କାଜୁ ନିଗମ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା, ଅର୍ବାନ ବ୍ୟାଙ୍କ ସଭାପତି ଆର ମୁରଲୀ, ମୁକୁନ୍ଦ ଗୌଡ, ବିଜୟ ଭାସ୍କର ସିଂ ସାମନ୍ତ, ଏନ. ଆପ୍ପା ରାଓ ରେଡ୍ଡୀ, ଡି. କରୁଣାକର, ଉଦୟ ଦେବେରା, କୈଳାସ ବେହେରା, ଏମ. ସୁଜାତା, ଦେବକୀ ରେଡ୍ଡୀ, ସଚିନ ପଣ୍ଡା, ଭୀଷ୍ମା ଆଚାର୍ଯ୍ୟ ଚୌଧୁରୀଙ୍କ ସମେତ ବହୁ ବିଜେଡି ନେତା ଉପସ୍ଥିତ ରହି ପ୍ରଚାର କରିଥିଲେ। ପ୍ରଥମେ ଗୌତମ ସିନେମା ନିକଟସ୍ଥ ହନୁମାନ ମନ୍ଦିରକୁ ଯାଇ ହନୁମାନଙ୍କ ଦର୍ଶନ କରିବା ସହ ଲୋକଙ୍କ ସହ ଆଲୋଚନା କରିଥିଲେ। ସେହିପରି କେନାଲ ସାହି ଗେଟ ବଜାର ନିକଟସ୍ଥ ହନୁମାନ ମନ୍ଦିରରେ ପହଞ୍ଚି ସେଠାରେ ନିଜେ ଡା. ଚ୍ୟାଉପଟ୍ଟନାୟକ ନିଜେ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରିଥିଲେ। ତୁଳସୀ ନଗର ଛକରେ ବାଟୋଇକୁ ପଣା ବାଣ୍ଟି କରିଥିଲେ। ସେହିପରି ବିଜିପୁର ପୋଖରୀ ନିକଟସ୍ଥ ହନୁମାନ ମନ୍ଦିର, ଶ୍ରୀରାମ ନଗର ସ୍ଥିତ ହନୁମାନ ମନ୍ଦିର, ବାବାଜୀ ତୋଟା ସାହି ସ୍ଥିତ ହନୁମାନ ମନ୍ଦିର ସମେତ ସହରର ବିଭିନ୍ନ ମନ୍ଦିର ଦର୍ଶନ କରିବା ସହ ଭୋଟରଙ୍କୁ ଆଶ୍ରିବାଦ ଭିକ୍ଷା କରିଥିବା ଦେଖିବାକୁ ମିଳିଥିଲା।





# ଶେଷହେଲା ମେରୁଯାତ୍ରା



**କୋଦଳା, ୧୪।୪(ସମିସ):** ପ୍ରସିଦ୍ଧ ପର୍ବ ଦଣ୍ଡ ଯାତ୍ରା ଉଦଯାପିତ ହୋଇଛି। ଏ ଅବସରରେ ରବିବାର ଅପରାହ୍ନ ୨ ଘଣ୍ଟ ସମୟରେ ଗାଦିଠାରେ ପାଣି ଦଣ୍ଡ, ଝାମୁ ଦଣ୍ଡ ପାଳନ ସହ ଏକ କାଠର ଝୁଲଣାରେ ପାଟ ଦଣ୍ଡୁଆକୁ ନିମ୍ନ ମୁଖି କରି ଝୁଲାଇବା ସହ ତଳେ ଥିବା ଅଗ୍ନି କୁଣ୍ଡରେ ଝାମୁ ଦିଆଯାଏ। ବେହୋସ ହେବାପରେ ମା କାଳୀଙ୍କ ସରଣାପର୍ଣ କରାଯାଇଥାଏ। ମାସନ୍ତରେ ବିଭିନ୍ନ ସ୍ଥାନରେ ମେରୁପର୍ବ ଉଦଯାପିତ ହୋଇଥିବା ବେଳେ, ସଂକ୍ରାନ୍ତି ପରିପ୍ରେକ୍ଷୀରେ କୋଦଳା ନିକଟ ଶାଳବଣ, କାଳିମେଘି, ଖରିଆପାଲି, ମର୍ଦ୍ଦକୋଟ, ମିରିଗିଲେଣ୍ଡି, ଏସ ଛଚିନା, ଖଇରିଖମା, ଚନ୍ଦନପୁର, ଚିଙ୍ଗୁଡ଼ିଖୋଲ, ନୂଆଗାଁ, ବୁରୁଝୁରି, ଭାଲିଆଝର ପ୍ରଭୃତି ଗାଁ ମାନଙ୍କରେ ମେରୁପର୍ବ ଉଦଯାପିତ ହୋଇଯାଇଛି। ଏହି ପର୍ବ ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା।

# କୁଶପୁର କେଦାରନାଥ ମନ୍ଦିରରୁ ଚୋରି

**ପୁରୁଷୋତ୍ତମପୁର, ୧୪।୪(ସମିସ):** ପୁରୁଷୋତ୍ତମପୁର ଥାନା ଅର୍ନ୍ତଗତ କୁଶପୁର ଗ୍ରାମରେ ନୂତନ ଚନ୍ଦ୍ରଶେଖର କେଦାରନାଥ ମନ୍ଦିରରୁ ଚୋରି ହୋଇଛି। ଶନିବାର ମଧ୍ୟରାତ୍ରରେ କୁଶପୁର କେଦାରନାଥ ମନ୍ଦିରରୁ ତାଲାଭାଙ୍ଗି ଘଣ୍ଟ, ମାଉତ, ଏମ୍ପିଫାଏରମେସିନ, ଅନ୍ୟାନ୍ୟ ପିତଳ ସାମଗ୍ରୀ ଚୋରି ହୋଇଯାଇଛି। ଏନେଇ ଗ୍ରାମବାସୀ ଥାନାରେ ଜଣାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

# କୁଇ ସମାଜର ବନ୍ଦ ଡାକରାକୁ ସମର୍ଥନ ଦେବ ନାହିଁ ସମନ୍ୱୟ ସମିତି

**ଫୁଲବାଣୀ, ୧୪।୪(ସମିସ)**



ଚଳିତ ସାଧାରଣ ନିର୍ବାଚନରେ କିଛି ଦଳୀୟ ପ୍ରାର୍ଥିଙ୍କ ଆଦିବାସୀ ମାନ୍ୟତାକୁ ନେଇ ପ୍ରଶ୍ନ ଉଠାଇବା ସହ ଏହି ପ୍ରସଙ୍ଗରେ କୁଇ ସମାଜ ପକ୍ଷରୁ ଆସନ୍ତା ୧୬ ତାରିଖରେ କନ୍ଧମାଳ ବନ୍ଦ ଡାକରା ଦିଆଯାଇଛି। ତେବେ ଜିଲ୍ଲାର ଅନ୍ୟତମ ଆଦିବାସୀ ନେତା ତଥା କୁଇ ସମାଜ ସମନ୍ୱୟ ସମିତିର ସମ୍ପାଦକ ଲମ୍ବୋଦର କହଁର ଏହାକୁ ବିରୋଧ କରିଛନ୍ତି।

ରବିବାର ସମନ୍ୱୟ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଲମ୍ବୋଦର କହିଛନ୍ତି, ଏହା କିଛି ବ୍ୟକ୍ତିଙ୍କ ଏକ ତରଫା ନିଷ୍ପତ୍ତି। ଏ ନେଇ ସମନ୍ୱୟ ସମିତି ଏବଂ କୁଇ ସମାଜ ସହିତ ସଂଶ୍ଳିଷ୍ଟ ଅନ୍ୟ ସଙ୍ଗଠନଙ୍କୁ କୌଣସି ସୂଚନା ଦିଆ ଯାଇନାହିଁ କିମ୍ବା ମତାମତ ନିଆ ଯାଇନାହିଁ। ଅପରପକ୍ଷରେ, କୁଇ ସମାଜ ଏକ ସମ୍ପୂର୍ଣ୍ଣ ରୂପେ ଅଣରାଜନୈତିକ ସଙ୍ଗଠନ ଏବଂ ଭୋଟ ରାଜନୀତିରେ ସମ୍ପୃକ୍ତ ହେବ ନାହିଁ ବୋଲି ଏହାର ସମ୍ବିଧାନରେ ଉଲ୍ଲେଖ ଥିବା କହିଛନ୍ତି ଲମ୍ବୋଦର। ସେହିଭଳି, ଯେଉଁ ପ୍ରାର୍ଥୀଙ୍କ ଆଦିବାସୀ ମାନ୍ୟତା ଉପରେ ପ୍ରଶ୍ନ ଉଠାଯାଉଛି ତାହାର କୌଣସି ଯଥାର୍ଥତା ନାହିଁ ବୋଲି ସେ କହିଛନ୍ତି। ଫୁଲବାଣୀର କଂଗ୍ରେସ ପ୍ରାର୍ଥୀ ପ୍ରତିଭା କହଁର କଟ୍ରିଙ୍ଗିଆ ସରପଞ୍ଚ ହେବାବେଳେ ସମାଜ କାହିଁକି ବିରୋଧ କରି ନ ଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ଏହା କେବଳ ଦଳୀୟ ଟିକଟ ପାଇବାରେ କିଛି ବିଫଳ ନେତାଙ୍କ ଅପଚେଷ୍ଟା ବୋଲି ଲମ୍ବୋଦର ମତ ରଖିଛନ୍ତି। ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପ୍ରରୋଚନାରେ ଏହା କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଯଦି କାହାର ବିରୋଧ କରିବାର ଅଛି, ତେବେ ସେମାନେ ଭୋଟ ମାଧ୍ୟମରେ ବିରୋଧ କରିପାରିବେ। ଦେଶର ଆଇନ ଓ ସମ୍ବିଧାନ ସର୍ବାଗ୍ରେ ବୋଲି ମତ ରଖିଛନ୍ତି ଆଦିବାସୀ ନେତା। ତେଣୁ ଏଭଳି ଏକ ପ୍ରସଙ୍ଗକୁ ନେଇ ବନ୍ଦ ଡାକରାର କୌଣସି ଯଥାର୍ଥତା ନାହିଁ ବୋଲି ପ୍ରକାଶ କରିଛନ୍ତି ଲମ୍ବୋଦର। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନିଖିଳ ଉତ୍କଳ କୁଇ ସମାଜ ୟୁନିଅନ ଜି ଉଦୟଗିରିର ସଭାପତି ପୁଷାରା କହଁର, ସମ୍ପାଦକ ଜନକ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ● ଦଳୀୟ ପ୍ରାର୍ଥୀଙ୍କୁ କୁଇ ସମାଜର ବିରୋଧ ପ୍ରସଙ୍ଗ
## ବିଫଳ ଆଶାୟୀଙ୍କ ହୀନ ପ୍ରୟାସ: ଜିଲ୍ଲା କଂଗ୍ରେସ

**ଫୁଲବାଣୀ, ୧୪।୪(ସମିସ):** ଚଳିତ ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦିଆଯାଇଥିବା ପ୍ରାର୍ଥୀଙ୍କ ଆଦିବାସୀ ମାନ୍ୟତାକୁ ନେଇ ପ୍ରଶ୍ନ ଉଠାଇଛି କୁଇ ସମାଜ। ଏପରିକି ଏହି ପ୍ରସଙ୍ଗକୁ ନେଇ ସମାଜ ପକ୍ଷରୁ ଆସନ୍ତା ୧୬ ତାରିଖରେ କନ୍ଧମାଳ ବନ୍ଦ ଡାକରା ମଧ୍ୟ ଦିଆଯାଇଛି। ତେବେ ଏହି ଘଟଣାକୁ ନେଇ ରବିବାର ନିଜ ପକ୍ଷ ରଖିଛି ଜିଲ୍ଲା କଂଗ୍ରେସ। ଫୁଲବାଣୀ ବିଧାନସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀ ହୋଇଥିବା ପ୍ରତିଭା କହଁରଙ୍କ ଆଦିବାସୀ ମାନ୍ୟତାକୁ ନେଇ କୁଇ ସମାଜ ଉଠାଉଥିବା ଦାବିକୁ ଆୟୋଜିତ ଏକ ସାମ୍ବାଦିକ ସମ୍ମଳନୀରେ ଅଗ୍ରାହ୍ୟ କରି ଜିଲ୍ଲା ସଭାପତି ଚନ୍ଦ୍ର ଶେଖର ପରିଡ଼ା କହିଛନ୍ତି, ଦଳ ପକ୍ଷରୁ ସମସ୍ତ ପ୍ରକାର ଯାଞ୍ଚ ପରେ ଟିକଟ ଦିଆଯାଇଛି। ତେଣୁ ଏଥିରେ କୌଣସି ସନ୍ଦେହ ନାହିଁ। ଅପରପକ୍ଷରେ, ପ୍ରତିଭା ଗତ ପଞ୍ଚାୟତ ନିର୍ବାଚନରେ ଜିଲ୍ଲାରେ ସର୍ବାଧିକ ଭୋଟ ପାଇ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଭୋଟରଙ୍କ ମଧ୍ୟରେ ସର୍ବାଧିକ ଆଦିବାସୀ ଥିଲେ। ତେଣୁ ଏବେ ଏହି ବିଷୟକୁ ନେଇ ପ୍ରଶ୍ନ ଉଠାଇବା ଅପ୍ରାସଙ୍ଗିକ ବୋଲି ସେ କହିଥିଲେ। ଅପରପକ୍ଷେ, ଏହା ଟିକଟ ଆଶାରେ ଥିବା କିଛି ବିଫଳ ଆଶାୟୀଙ୍କ ଏକ ହୀନଚକ୍ରାନ୍ତ ବୋଲି ଦଳ କହିଛି। ପ୍ରାର୍ଥୀ ପ୍ରତିଭାଙ୍କ ବାପା ମଧ୍ୟ କୁଇ ସମାଜର ଜଣେ କର୍ମକର୍ତ୍ତା ଏବଂ ସମାଜର ସମସ୍ତ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ତେଣୁ ସମାଜ ପ୍ରତିଭାଙ୍କୁ ବିରୋଧ କରିବା କଥା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କୁହାଯାଇଛି। ଏହା କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଏକ ସୁପରିକଳ୍ପିତ ଷଡଯନ୍ତ୍ର ବୋଲି କହିଛନ୍ତି ପ୍ରାର୍ଥୀ ପ୍ରତିଭା। ସ୍ଥାନୀୟ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ମିଡିଆ ସେଲ ଅଧ୍ୟକ୍ଷ ବସନ୍ତ ପାଢ଼ୀ, ବରିଷ୍ଠ ନେତା ହେମନ୍ତ କର, ରଜତ ମହାନ୍ତି, ଘନକୁମାର ଶବର, ସୁଡ୍ରୁକୁମ୍ପା ସରପଞ୍ଚ ଦଶରଥ ଜାନୀ, ସମିତି ସଭ୍ୟ ଦୟନ୍ତୀ ଜାନୀ, ଖଜୁରୀପଡ଼ା ବ୍ଲକ ସଭାପତି ସ୍ୱାଧୀନ ବେହେରା, କୁଇ ସମାଜ ନେତା ଭଞ୍ଜଦେବ କହଁର, ଗଜେନ୍ଦ୍ର କହଁର, ମାନଭଞ୍ଜ କହଁର ଓ ଭୀମସେନ କହଁର ପ୍ରମୂଖ ଉପସ୍ଥିତ ଥିଲେ।

# ୧୮ ଚକିଆ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ



## ● ଅଳ୍ପକେ ବର୍ତ୍ତିଲେ ଚାଳକ

**ଜି.ଉଦୟଗିରି, ୧୪।୪(ସମିସ):** କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ନିକଟସ୍ଥ କଳିଙ୍ଗା ଘାଟିରେ ଏକ ୧୮ ଚକିଆ ଲୁହା ରଡ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରକ ଘାଟି ଗଡୁଥିବା ବେଳେ ଚାଳକ ଭାରସାମ୍ୟ ହରାଇବାରୁ ବୁଲାଣିରେ ଗାଡୱାଲରେ ଓ ପାହାଡରେ ବାଡେଇ ହୋଇଯାଇଥିଲା। ଏଥିରେ ଟ୍ରକର ସମ୍ମୁଖ ଭାଗ ସମ୍ପୁର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଚାଳକ ଉପସ୍ଥିତି ବୁଦ୍ଧି ଖଟାଇ ଗାଡିରୁ ଡେଇଁ ପଡ଼ିଥିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଘଟଣା ସ୍ଥଳରେ ଜି.ଉଦୟଗିରି ପୁଲିସ ଏସଆଇ ଅନନ୍ତ ପ୍ରଧାନ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ମହିଳାଙ୍କୁ ଯୁବକ ହଇରାଣ କରୁଥିବା ଅଭିଯୋଗ

## ● ଅଭିଯୁକ୍ତ ଯୁବକଙ୍କୁ ଆକ୍ରମଣ, ଉଭୟ ପକ୍ଷରୁ ଥାନାରେ ଏତଲା

**ବ୍ରହ୍ମପୁର, ୧୪।୪(ସମିସ):** ଜଣେ ମହିଳାଙ୍କୁ ଜଣେ ଯୁବକ ହଇରାଣ କରୁଥିବା ଥାନାରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ସେହିପରି ମହିଳାଙ୍କୁ ହଇରାଣ କରୁଥିବା ଯୁବକଙ୍କୁ ଆକ୍ରମଣ ହୋଇଛି। ଘଟଣାକୁ ନେଇ ଉଭୟ ପକ୍ଷରୁ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୁଲିସ ୨ ଟି ମାମଲା ରୁଜୁ କରି ଉଭୟ ପକ୍ଷଙ୍କୁ ତାଗିତ କରି ଛାଡିଥିବା ସୂଚନା ମିଳିଛି। ପ୍ରକାଶଥାଉକି, ମୟୁରୀ ବିହାରର ଜଣେ ଯୁବକ ଗଜପତି ନଗର ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ବାରମ୍ବାର ହଇରାଣ ହରକତ କରୁଥିଲେ। ଫୋନ କରି ମହିଳା ସମେତ ତାଙ୍କ ପରିବାର ଲୋକଙ୍କୁ ନାନା କଥା କହିବା ସହ ଫଟୋ ପଠାଉଥିଲେ। ଏନେଇ ମହିଳାଙ୍କ ପରିବାର ଲୋକେ ବାରମ୍ବାର ତାଗିତ କରିବା ପରେ ମଧ ଯୁବକ ଜଣଙ୍କ ନିଜ କାରନାମା ବନ୍ଦ କରୁନଥିଲେ। ଗତକାଲି ମହିଳାଙ୍କ ଭାଇ ସମ୍ପୃକ୍ତ ଯୁବକଙ୍କୁ ଶ୍ରୀରାମନଗର ଛକକୁ ଡାକିଥିଲେ। ସେଠାରୁ ଉଭୟ ଗଜପତିନଗରକୁ ଯାଇଥିଲେ। ହେଲେ ସେଠାରେ ମହିଳାଙ୍କ ଭାଇ ଓ ତାଙ୍କର ୨୦ରୁ ଅଧିକ ସହଯୋଗୀ ଏହି ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ସହ ମାଡ ମାରିଥିଲେ ବୋଲି ଯୁବକ ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ। ସେହିପରି ମହିଳାଙ୍କ ପରିବାର ପକ୍ଷରୁ ମଧ ଯୁବକଙ୍କ ବିରୋଧରେ ଅଭିଯୋଗ କରାଯାଇଥିଲା।

# ଗଞ୍ଜେଇ ଭର୍ତ୍ତି ବ୍ୟାଗ୍ ଫୋପାଡ଼ି ଚାଲାଣକାରୀ ଫେରାର



**ପାରଳାଖେମୁଣ୍ଡି, ୧୪।୪(ସମିସ):** ଗଜପତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ୍. କୁମାରଙ୍କ ନିର୍ଦ୍ଦେଶ କ୍ରମେ ଗାରବନ୍ଧ ଥାନା ଅଧିକାରୀ ରିନାରାଣୀ ସାହୁଙ୍କ ତତ୍ତ୍ୱାବଧାନରେ ବଡହଂସା ନାକା ପଏଣ୍ଟରେ ରବିବାର ସନ୍ଧ୍ୟାରେ ଯାନବାହାନ ଯାଞ୍ଚ କରାଯାଇଥିଲା। ଏହି ସମୟରେ ଜଣେ ଦ୍ରୁତଗତିରେ ଏକ ସ୍କୁଟିରେ ଆସୁଥିବାର ଦେଖିଥିଲେ ମୁତୟନ ହୋଇଥିବା ପୁଲିସ କର୍ମଚାରୀ। ଏହାକୁ ରୋକିବାପାଇଁ ଚେଷ୍ଟା କଲାବେଳେ ସେ ଚାଳନା କରୁଥିବା ସ୍କୁଟିରୁ ଜରି ଅଖା ଭର୍ତ୍ତି ବ୍ୟାଗ ଫୋପାଡି ଦେଇ ଚମ୍ପଟ ମାରିଥିଲା। ପୁଲିସ ଉକ୍ତ ଜରି ବ୍ୟାଗ ପଡ଼ିଥିବା ସ୍ଥାନକୁ ଯାଇ ଯାଞ୍ଚ କରିବା ବେଳେ ଗଞ୍ଜେଇ ଥିବା ଦେଖାଯାଇଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରାଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରିବାରେ ଏହା ୧୩ କେଜି ୪୦୦ଗ୍ରାମ ଥିବା ଜଣାପଡ଼ିଥିଲା। ଯାହାର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି କୁହାଯାଇଛି। ଏନେଇ ଗାରବନ୍ଧ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଏସ୍‌ଆଇ ଲୋକନାଥ ବେହେରା କରୁଥିବା ବେଳେ ଚମ୍ପଟ ମାରିଥିବା ଗଞ୍ଜେଇ ଚାଲାଣକାରୀଙ୍କୁ ଚିହ୍ନଟ ପାଇଁ ତଦନ୍ତ ଚାଲୁ ରହିଥିବାର ଗାରବନ୍ଧ ପୁଲିସ ସୂତ୍ରରୁ ପ୍ରକାଶ।

# ବିଭିନ୍ନ ମନ୍ଦିରରେ ହନୁମାନ ଜୟନ୍ତୀ ପାଳିତ

**ବ୍ରହ୍ମପୁର, ୧୪।୪(ସମିସ):** ବ୍ରହ୍ମପୁର ସହରର ବିଭିନ୍ନ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିପାଇଁ ସହର ଏକପ୍ରକାର ଉତ୍ସବ ମୁଖର ହୋଇଥିଲା। ବିଭିନ୍ନ ସ୍ଥାନରେ ଜୟ ହନୁମାନ ନାରାରେ ସମ୍ପୃକ୍ତ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ସେହିଭଳି ରାମଲିଙ୍ଗମ୍ ଟ୍ୟାଙ୍କ୍ ରୋଡ୍ ସଂକଟ ମୋଚନ ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନାର ଆୟୋଜନ କରାଯାଇଥିଲା। ପୂର୍ବାହ୍ନରେ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ପରେ ପଣା ବିତରଣ, ମଧ୍ୟାହ୍ନରେ ଅନ୍ନଯଜ୍ଞ, ଅପରାହ୍ନରେ ସହସ୍ର ନାମଯଜ୍ଞ ଓ ସନ୍ଧ୍ୟାରେ ପ୍ରସାଦ ବିତରଣ ହୋଇଥିଲା। ସେହିପରି ହିଲପାଟଣା ସ୍ଥିତ ସିଦ୍ଧ ବିନାୟକ ଓ ସିଦ୍ଧଦାୟ ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ପୂଜାପାଠ କରାଯାଇଥିଲା। ଏଠାରେ ଦିନ ତମାମ୍ ଶ୍ରଦ୍ଧାଳୁମାନେ ହନୁମାନ ଚାଳିଷା ପାଠ କରିଥିଲେ। ଶହଶହ ଶ୍ରଦ୍ଧାଳୁଙ୍କ ୧୦୮ ହନୁମାନ ଚାଳିଶା ପାଠରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହେବା ସହ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହା ସହ ପଣା ବଣ୍ଟନ, ହୋମ ସହିତ ସନ୍ଧ୍ୟାରେ ୧୦୮ ଆଳତୀ ଅନୁଷ୍ଠିତ ହୋଇଥିଲା। ସେହିଭଳି ଗୋକର୍ଣ୍ଣେଶ୍ୱର ମନ୍ଦିର, ମାଣ୍ଡିଆପଲ୍ଲୀ ହନୁମାନ ମନ୍ଦିର, ପାତାଳେଶ୍ୱର ମନ୍ଦିର, ବାବାଜୀତୋଟା ସାହି ହନୁମାନ ମନ୍ଦିର, ଲୋଚାପଡ଼ା ରୋଡ ହନୁମାନ ମନ୍ଦିର, ଜେଲ ପରିସରରେ ଥିବା ହନୁମାନ ମନ୍ଦିର, ନେହେରୁନଗର ୧୦ମ ଲାଇନସ୍ଥିତ ହନୁମାନ ମନ୍ଦିର, ବିଜିପୁର ପୋଖରୀ ସ୍ଥିତ ହନୁମାନ ମନ୍ଦିର, ହନୁମାନ ବଜାର ହନୁମାନ ମନ୍ଦିର ସିଟିହାଇସ୍କୁଲ ରୋଡସ୍ଥିତ ମାନସ ଭବନ, ଅନ୍ଧପସରା ରୋଡ ବଜରଙ୍ଗବାଲି ମନ୍ଦିର, ବ୍ୟାଙ୍କ କଲୋନୀ ପଞ୍ଚମୁଖୀ ହନୁମାନ ମନ୍ଦିର, ବୈକୁଣ୍ଠ ନଗର ହନୁମାନ ମନ୍ଦିର, ବାପୁଜୀ ନଗର ହନୁମାନ ମନ୍ଦିର, ବଡ ମେଡିକାଲ ଚକ୍ଷୁବିଭାଗ ପରିସରସ୍ଥ ହନୁମାନ ମନ୍ଦିରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।

## ଆମ୍ବେଦକର ଜୟନ୍ତୀ
# ଭିକାରୁଣୀ ହେଲେ ମୁଖ୍ୟଅତିଥି



**ଫୁଲବାଣୀ, ୧୪।୪(ସମିସ):** ବାବାସାହେବ ଡ.ଭୀମରାଓ ଆମ୍ବେଦକରଙ୍କ ୧୩୩ ତମ ଜନ୍ମ ଜୟନ୍ତୀ ଜାଗ୍ରତ କନ୍ଧମାଳ ତରଫରୁ ପାଳନ କରାଯାଇଛି। ଫୁଲବାଣୀ ସ୍ଥିତ ଆମ୍ବେଦକର ଛକରେ ଅମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲ।। ଜାଗ୍ରତ କନ୍ଧମାଳର ଆବାହକ ସତ୍ୟନାରାୟଣ ବେହେରା ଦୁଃଖୀଦରିଦ୍ରଙ୍କୁ ଅତିଥି ଭାବେ ଡାକି ଜୟନ୍ତୀ ପାଳନ କରିଥିଲେ। ଫୁଲବାଣୀର ଜଗନ୍ନାଥ ମନ୍ଦିରକୁ ଏକଲକ୍ଷ ଦାନ କରିଥିବା ବହୁ ଚର୍ଚ୍ଚିତ ଭିକାରୁଣୀ ତୁଳା ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟ ଦୁଃଖୀ ଦରିଦ୍ରଙ୍କୁ ସମ୍ମାନିତ କରାଯିବା ସହ ବସ୍ତ୍ର ବଣ୍ଟନ କରାଯାଇଥିଲା। ଏଥିରେ ଖଜୁରୀପଡ଼ାର ପୂର୍ବତନ ଅଧ୍ୟକ୍ଷ ବୀରେନ୍ଦ୍ର କହଁର, କଳାକାର ଜଳନ୍ଧର ବେହେରା ଏବଂ ଅନ୍ୟ ସଦସ୍ୟ ଯୋଗ ଦେଇଥିଲେ।

# ଦେବୀତି ଗ୍ରାମ ଜଙ୍ଗଲରେ ନିଆଁ

**ପାରଳାଖେମୁଣ୍ଡି, ୧୪।୪(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ତଥା ପାରଳାଖେମୁଣ୍ଡି ସହର ଉପକଣ୍ଠ ଦେବୀତି ଗ୍ରାମ ନିକଟସ୍ଥ ଜଙ୍ଗଲରେ ନିଆଁ ଲାଗି ଗଛ ଲତା ପୋଡି ଯାଇଛି। ରବିବାର ଅପରାହ୍ନ ପ୍ରାୟ ୫ଟା ବେଳେ ସେଠାରେ କୌଣସି କାରଣରୁ ନିଆଁ ଲାଗିଯାଇଥିବା ଦେଖିଥିଲେ ଗ୍ରାମବାସୀ। ଏନେଇ ତୁରନ୍ତ ପାରଳାଖେମୁଣ୍ଡି ସ୍ଥିତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ପକ୍ଷରୁ ଦୁଇ ଦମକଳ ଗାଡି ସହ କର୍ମଚାର ଆସି ନିଆଁକୁ ଆୟତ କରିଥିଲେ ନିଆଁକୁ ତୁରନ୍ତ ଆୟତ୍ତ କରାଯାଇ ନ ଥିଲେ ଜନବସତିକୁ ବ୍ୟାପିବା ସମ୍ଭାବନା ରହିଥିବା କୁହାଯାଇଛି। ଦମକଳବାହିନୀ ଠିକ ସମୟରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବାରୁ ପ୍ରଶଂସା କରାଯାଉଛି। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ଧୁମ୍‌ଧାମରେ ମହାବିଷୁବ ସଂକ୍ରାନ୍ତି ପାଳନ

**ଭଞ୍ଜନଗର, ୧୪।୪(ସମିସ):** ପବିତ୍ର ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଏବଂ ଓଡ଼ିଆ ନବବର୍ଷ ପାଳନ ଅବସରରେ ଭଞ୍ଜନଗର ଓ ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସହରରେ ଥିବା ରଘୁନାଥ ମନ୍ଦିରରେ ଜୟ ଶ୍ରୀ ହନୁମାନ ସ୍ୱେଚ୍ଛାସେବୀ ସଙ୍ଗଠନ, ମହାବୀର ଛକରେ ଥିବା ହନୁମାନ ମନ୍ଦିରରେ ପୂଜା କମିଟି, ଲଣ୍ଡେଇ ସାହି ଶ୍ରୀ ରାମ ମନ୍ଦିରରେ ଶ୍ରୀ ରଘୁନାଥ ସାଂସ୍କୃତିକ ପରିଷଦ ଓ ଭେଜିପୁଟ ମନ୍ଦିରରେ ପୂଜା କମିଟି ପକ୍ଷରୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା।ବିଭିନ୍ନ ସ୍ଥାନରେ ପଣା ବଣ୍ଟନ, ନଗର ପରିକ୍ରମା, ହନୁମାନ ଚାଳିଶା ପାଠ, ଘୃତଯଜ୍ଞ, ପୂର୍ଣ୍ଣାହୁତି, ଅନ୍ନଯଜ୍ଞ, ସନ୍ଧ୍ୟା ଆଳତୀ ଅନୁଷ୍ଠିତ ହୋଇଥିଲା। ଦିନ ସାରା ଶ୍ରଦ୍ଧାଳୁମାନେ ମନ୍ଦିରରେ ଦର୍ଶନ କରିବା ସହ ବିଭିନ୍ନ ଧାର୍ମିକ କାର୍ଯ୍ୟରେ ସାମିଲ ହୋଇଥିଲେ। ଏଥିସହ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଛକ ସ୍ଥାନରେ ପଣା ବଣ୍ଟନ କରାଯାଇଥିଲା। ସେହିପରି ଓଡ଼ିଆ ନବବର୍ଷ ଅବସରରେ ସମସ୍ତେ ପରସ୍ପର କୁ ଅଭିନନ୍ଦନ ଜଣାଇଥିଲେ। ଚାରିଆଡେ ଏହି ପବିତ୍ର ଦିବସକୁ ଅଞ୍ଚଳବାସୀ ଆନନ୍ଦ ଉଲ୍ଲାସର ସହିତ ପାଳନ କରିଥିବା ଜଣାପଡ଼ିଛି।

# ଶାଳବଣ ସାହିତ୍ୟ ସଂସଦର ରଜତ ଜୟନ୍ତୀ

**ବାଲିଗୁଡା, ୧୪।୪(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନବାସୀ ସେବା ସମିତି ପରିସରରେ ଶାଳବଣ ସାହିତ୍ୟ ସଂସଦର ରଜତ ଜୟନ୍ତୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବନବାସୀ ସେବା ସମିତି ସମ୍ପାଦକ ଉତ୍ସବ ଚନ୍ଦ୍ର ଜେନା, ଉତ୍କଳ ସମ୍ମିଳନୀ ଉପସଭାପତି କୌଶିକ ସାହୁ ମୁଖ୍ୟବକ୍ତା ଭାବେ ଫୁଲବାଣୀରେ ଇତିହାସ ଅଧ୍ୟାପକ ଡ଼ ସୁଜିତ୍ କୁମାର ପଣ୍ଡା ସମ୍ମାନିତ ଅତିଥି ରବୀନ୍ଦ୍ରକୁମାର ପଣ୍ଡା ସହ ସମ୍ପାଦକ ବନବାସୀ ସେବା ସମିତି ସମ୍ମାନିତ ଆଲୋଚକ ଡ଼ ସୁରେଶକୁମାର ପଣ୍ଡା ଭଞ୍ଜନଗର ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ରଥ ସଭାପତି ଡ଼ ମଧୁସୂଦନ ମହାପାତ୍ର ବକ୍ତବ୍ୟ ରଖିଥିଲେ। କୁରେଇର ମୁଖ୍ୟ ସମ୍ପାଦକ ଡ଼.ବିଭୂତିଭୂଷଣ ଆଚାର୍ଯ୍ୟ ମୁଖପତ୍ର ଉନ୍ମୋଚନରେ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରହ୍ଲାଦପ୍ରସାଦ ଲେଙ୍କା, ଡ ସୁରେଶକୁମାର ପଣ୍ଡା ଓ ଡ଼.ସୁଜିତ୍ କୁମାର ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ସ୍ନେହଲତା ମାଝୀଙ୍କ କବିତା ସଙ୍କଳନ ଉନ୍ମୋଚିତ ହୋଇଥିଲା। ଅପରାହ୍ନରେ ସସ୍ମିତା ପଣ୍ଡା, ଦୀପ୍ତିମୟୀ ରଥ ଓ ସ୍ୱାଗତିକା ସାହୁଙ୍କ ସଂଯୋଜନାରେ ବିଦେଶୀ ନାୟକ, ପ୍ରଦୀପ କହଁର, କୁମୁଦିନୀ ମହାରଣା, ବିଶ୍ୱଜିତ ଜେନା, ସତ୍ୟନାରାୟଣ ତ୍ରିପାଠୀ ପ୍ରତ୍ୟୁଷରଞ୍ଜନ ଶତପଥୀ, ମିହିର ପାଢ଼ୀ ଓ ସୁଲୋଚନା କହଁର ସ୍ୱରଚିତ କବିତା ପାଠ କରିଥିଲେ। କୈଳାଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବନବାସୀ ସେବା ସମିତି ଅନ୍ତେବାସୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।



# ଚକାପାଦରେ ମେରୁଯାତ୍ରା

ଚକାପାଦ, ୧୪।୪(ସମିସ)



କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକରେ ୧୨ ଦଣ୍ଡ ଦଳର ମେରୁ ସଂକ୍ରାନ୍ତି ଉତ୍ସବ ପାଳିତ ହେବା ସହିତ ତେର ଦିନ ଧରି ଚାଲିଥିବା ଦଣ୍ଡଯାତ୍ରା ଶେଷ ହୋଇଛି। ଶନିବାର ମାସନ୍ତ ଦିବସ ଅବସରରେ ଲୁଜୁରାମୁଣ୍ଡା, ପାଣ୍ଡ୍ରିସୀମା, ଚାହାଳି, ବ୍ରାହ୍ମଣପାଦ, ନନ୍ଦିନୀ, ସୁନାପାଙ୍ଗା, ଶିଶିବାଲି, ସଲାଗୁଡା ମେରୁ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସଂକ୍ରାନ୍ତି ଦିନ ଲାଇନପଡ଼ାର ମଳିକ ଗାଁ, ସିରିକାକୁଟି ଏବଂ ପସରା ଦଣ୍ଡ ଦଳର ମେରୁଯାତ୍ରା ହୋଇଥିଲା। ମାସନ୍ତ ମେରୁ ଅବସରରେ କନ୍ଧମାଳ ଜିଲ୍ଲାର ପ୍ରସିଦ୍ଧ ତଥା ବହୁ ପ୍ରତାପୀ ମା ରୁଦ୍ରକାଳୀ ଲୁଜୁରାମୁଣ୍ଡା ଏବଂ ଚକାପାଦର ପାଣ୍ଡ୍ରିସୀମା, ଲାଇନପଡ଼ା, ଶିଶିବାଲି ଏବଂ ସଲାଗୁଡା ମେରୁ ଯାତ୍ରାରେ ହଜାର ହଜାର ଭକ୍ତଙ୍କର ଗହଳି ଦେଖିବାକୁ ମିଳିଥିଲା। ଧୂଳି ଦଣ୍ଡ, ପାଣି ଦଣ୍ଡ କାର୍ଯ୍ୟକ୍ରମ ଦିନବେଳା ହୋଇଥିବା ବେଳେ ରାତିରେ ମେରୁଝୁଲା ଏବଂ ଝୁଣା ଦଣ୍ଡ, ପରଭା କାଠି ନୃତ୍ୟ ହୋଇଥିଲା। ସକାଳେ ଯଥା ରୀତି ବୀଣାକାର ନୃତ୍ୟ ପରେ ଯାତ୍ରା କାର୍ଯ୍ୟକ୍ରମ ଶେଷ ହୋଇଥିଲା। ସେହିପରି ଲାଇନପଡ଼ାର ମଳିକ ଗାଁ ଦଣ୍ଡର ମେରୁଯାତ୍ରାରେ ମଧ୍ୟ ସାହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ସମସ୍ତ ଭକ୍ତ ସଂକ୍ରାନ୍ତି ମେରୁ ଅବସରରେ ଭକ୍ତିପୂତ ଭାବେ ରହି ମା ରୁଦ୍ରକାଳୀଙ୍କ ପୂଜାର୍ଚ୍ଚନା କରିଥିଲେ। ଦୀର୍ଘ ତେର ଦିନ ବାହାରେ ଭ୍ରମଣ କରିବା ପରେ ମା ଆଜି ଠାରୁ ମନ୍ଦିରରେ ରହି ପୂଜା ପାଇବେ।

# ଠାକୁରାଣୀ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ଫୁଲବାଣୀ, ୧୪।୪(ସମିସ):** ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ଅବସରରେ ମା ନାରାୟଣୀ ଠାକୁରାଣୀଙ୍କ ଷଷ୍ଠବିଂଶ ତମ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ ପାଇଁ ସ୍ଥାନୀୟ ପେଞ୍ଜିସାହି ନିକଟସ୍ଥ ନବୀନ କହଁରଙ୍କ ବଗିଚାରେ ବୃକ୍ଷଛେଦନ ଉତ୍ସବ ଅନୁଷ୍ଠିତ ହୋଇଥଲା। ସଭାପତି ପି. ସୁଧାଂଶୁ ସେନାପତିଙ୍କ ନେତୃତ୍ୱରେ ଯାତ୍ରା ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସମେତ ପୂଜକଙ୍କ ଉପସ୍ଥିତିରେ ରୀତିନୀତି ପୁଜା ପଦ୍ଧତି ପ୍ରକ୍ରିୟା ପରେ ବୃକ୍ଷଛେଦନ କରାଯାଇଥିଲା। ବୃକ୍ଷଛେଦନ ପରେ ଉକ୍ତ ଶୁଭଖୁଣ୍ଟିକୁ ଆଣି ରାମ ମନ୍ଦିର ନିକଟସ୍ଥ ଯାତ୍ରା ପଡ଼ିଆରେ ସ୍ଥାପନ କରାଯାଇଥଲା। ପୂଜାରେ ଯାତ୍ରା ପରିଚାଳନା କମିଟି ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ କର୍ତ୍ତା ଭାବରେ କାର୍ଯ୍ୟ ତୁଲାଇଥିଲେ। ବାଦ୍ୟ, ନୃତ୍ୟ ଆତସବାଜି ଫୁଟାଇ ଯାତ୍ରା ଶୁଭଖୁଣ୍ଟିକୁ ପଡ଼ିଆକୁ ଅଣା ଯାଇଥଲା। ଅନ୍ୟ ମାନଙ୍କ ମଧ୍ୟରେ ବଣିକ ସଙ୍ଘ ସଭାପତି ଅଶୋକ ପଟ୍ଟନାୟକ, ହରିଶ୍ଚନ୍ଦ୍ର ମହାରଣା, ଲମ୍ବୋଦର କହଁର, ଫୁଲବାଣୀ ପୌରାଧ୍ୟକ୍ଷା ସ୍ୱତାରାଣୀ ମହାନ୍ତି, ଉପାଧ୍ୟକ୍ଷା ପାୟଲ ବେହେରା, ଉପସଭାପତି ସୁଜିତ କୁମାର ବେହେରା, ଓକିଲ ସଂଘ ସମ୍ପାଦକ କୁଞ୍ଜବିହାରୀ ଶତପଥୀ, ସହ ସମ୍ପାଦକ ପାର୍ଥ ସାରଥୀ ବିଶ୍ୱାଳ, ଅରୁଣ ପଣ୍ଡା, ସୁମନ ପଟ୍ଟନାୟକ, ସୀମାଞ୍ଚଳ ପ୍ରଧାନ, ଅର୍ଥ ସମ୍ପାଦକ କାବୁଲା ସେନାପତି, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ମହାନ୍ତି, ସାଂସ୍କୃତିକ ସମ୍ପାଦକ ଭି.ଲୋକନାଥ ରାଜୁଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।



# କଳିଙ୍ଗାରେ ପୁଲିସର ଯାଞ୍ଚ କଡ଼ାକଡ଼ି



**ଜି.ଉଦୟଗିରି,୧୪।୪(ସମିସ):** ଆଗକୁ ସାଧାରଣ ନିର୍ବାଚନ। ନିର୍ବାଚନକୁ ଅବାଧ, ନିରପେକ୍ଷ କରିବା ଲକ୍ଷ୍ୟରେ ଜି.ଉଦୟଗିରି ପୁଲିସ ତରଫରୁ କନ୍ଧମାଳ ଜିଲ୍ଲାର ପ୍ରବେଶ ପଥ କଳିଙ୍ଗାରେ ୨୪ ଘଣ୍ଟା ଯାଞ୍ଚ କଡାକଡ଼ି କରାଯାଉଛି। ଏଥିଯୋଗୁଁ ମଦୁଆ ଗାଡି ଚାଳକ, ଦ୍ରୁତ ଗାଡି ଚାଳକ, ଗଞ୍ଜେଇ ଚୋରା ଚାଲାଣକାରୀଙ୍କ ସହିତ କଳିଙ୍ଗା ଘାଟିରେ ଅସାମାଜିକ କାର୍ଯ୍ୟକଳାପ ହ୍ରାସ ପାଇଛି। ଯାନବାହାନ ଯାଞ୍ଚ ପୂର୍ବରୁ କଳିଙ୍ଗା ଘାଟିରେ ବେପରୁଆ ଗାଡି ଚାଳନା ଯୋଗୁଁ ବହୁ ଦୁର୍ଘଟଣା ଘଟୁଥିବା ବେଳେ ଏବେ ସେଥିରେ ସୁଧାର ଆସିଛି। ଯାଞ୍ଚ ବେଳେ ବହୁ ଗଞ୍ଜେଇ ଚାଲାଣକାରୀ ଧରାପଡ଼ିଛନ୍ତି। ଏସଆଇ ଅନନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଯାଞ୍ଚ କରାଯାଉଛି। ସମସ୍ତ ଗାଡି ମଟର ଯାଞ୍ଚ କରାଯିବା ସହ ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡାକଡ଼ି କରାଯାଇଛି। ଏଥିରେ ମଦୁଆ ଚାଳକ, ଦ୍ରୁତ ଚାଳକ, ଅପରାଧୀ, ଗଞ୍ଜେଇ ଚାଲାଣ କାରୀ ସାବାଡ ହୋଇଛନ୍ତି। ପୁଲିସର ନିଷ୍ଠାପର କର୍ତ୍ତବ୍ୟ ବଳରେ ଅଞ୍ଚଳରେ ଅପରାଧ କମିଥିବାରୁ ପ୍ରଶଂସା କରାଯାଇଛି।

# ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ବାଲିଗୁଡା,୧୪।୪(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ବାରଖମା ପଞ୍ଚାୟତର ନାଡ଼ାପାଟାଙ୍ଗ ଗ୍ରାମରେ ଏକ ବୁଲାଣିରେ ଗୋଟିଏ ମୋଟର ସାଇକେଲରେ ଜଣେ ଯୁବକ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଘଟଣା ସ୍ଥଳରୁ ଯୁବକଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ବାରଖମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଯୁବକଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକଙ୍କ ଜଣକ ବାଲିଗୁଡ଼ା ଥାନା ଅନ୍ତର୍ଗତ ରେବୀଙ୍ଗିଆ ଗ୍ରାମର ପ୍ରଣୟ ବେହେରା (୨୮) ବୋଲି ଜଣାପଡ଼ିଛି। ସକାଳେ ସେ ତାଙ୍କର କାର୍ଯ୍ୟରେ ଯୋଗଦେବା ପାଇଁ ଲଣ୍ଡାଗାଁ ଯିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ପରିବାରବର୍ଗ କହିଛନ୍ତି। ଘଟଣା ସ୍ଥଳରେ ବାଲିଗୁଡ଼ା ପୁଲିସ ପହଞ୍ଚି ତଦନ୍ତ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ



**ଜି.ଉଦୟଗିରି, ୧୪।୪(ସମିସ):** ଦିନ ଥିଲା ଅଗ୍ନି ଜନିତ ଦୁର୍ଘଟଣା ବହୁତ ଦେଖା ଦେଉଥିଲା। ଏବେ ସମୟ ବଦଳିଛି। ସଚେତନତା ଯୋଗୁଁ ବହୁମାତ୍ରାରେ ଦୁର୍ଘଟଣା କମିଥିବା ବେଳେ ତଥାପି ସଚେତନତା ଜାରି ରହିଛି। ଜି.ଉଦୟଗିରି ଅଗ୍ନିଶମ ସେବା କେନ୍ଦ୍ର ତରଫରୁ ରବିବାର ଅଗ୍ନିସମ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ପ୍ରଥମ ଥର ପାଇଁ ଓଡ଼ିଶାରେ ୧୯୪୪ ମସିହା ଏପ୍ରେଲ ୧୪ ତାରିଖ ଦିନ ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥା ସ୍ଥାପନ କରାଯାଇଥିଲା। ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ଓଡ଼ିଶା ଅଗ୍ନିଶମ ଜରୁରୀସେବା ଓଡ଼ିଶାବାସୀଙ୍କୁ ସେବା ଦେଇ ଆସୁଛି। ପ୍ରତ୍ୟେକ ବର୍ଷ ଅଗ୍ନିଶମ ସେବା ସପ୍ତାହ ଅବସରରେ ଏପ୍ରିଲ ୧୪ ରୁ ୨୦ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି ଅବସରରେ ଲୋକଙ୍କୁ ଅଗ୍ନି ଜନିତ ଦୁର୍ଘଟଣା ରୋକିବା ସମ୍ପର୍କରେ ସଚେତନ କରାଯାଉଛି। ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହରେ କେନ୍ଦ୍ରାଧିକାରୀ ଉମାଚରଣ ଭଟ୍ଟମିଶ୍ର, ମୁଖ୍ୟଆଗ୍ନିକ ଶିବରାମ ବିଶ୍ୱାଳ, ସନ୍ତୋଷ କୁମାର ଦାଶ, ସଞ୍ଜୟ କୁମାର ଦାଶ, ସୁନୀଲ ଗୌଡ଼, ରାମଚନ୍ଦ୍ର ଗୌଡ଼, ସୀତାକାନ୍ତ ସ୍ୱାଇଁ ଓ ଦିବ୍ୟରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

**ମୋହନା:** ଗଜପତି ଜିଲ୍ଲା ମୋହନା ଅଗ୍ନିଶମ ବିଭାଗ ପକ୍ଷରୁ ରବିବାର ଦିନ ଠାରୁ ଆରମ୍ଭ ହେଇଛି ଅଗ୍ନିଶମ ସପ୍ତାହ। ସପ୍ତାହ ଧରି ବିଭିନ୍ନ ସ୍ଥାନରେ ଏହା ଜାରି ରହିବ। ଏହି ମାଧ୍ୟମରେ ବିଭିନ୍ନ ଗ୍ରାମ, ଶିକ୍ଷାନୁଷ୍ଠାନ, ହଟେଲରେ କିଭଳି ଅକସ୍ମାତ ନିଆଁ ଲାଗିଲେ ତାର ପ୍ରତିକାର ବ୍ୟବସ୍ଥା କରାଯିବ ସେ ସମ୍ପର୍କ ରେ ସଚେତନତା କରାଯିବା ସହ ଘରେ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗିଲେ କିଭଳି ଉପାୟରେ ତାକୁ ବନ୍ଦ କରାଯିବ ଏବଂ ନିଆଁ ପୋଡି ଯାଇଥିବା ବ୍ୟକ୍ତିଙ୍କୁ ଜରୁରୀ କାଳୀନ ସେବା ଯୋଗାଯାଇପାରିବ ସେ ସମ୍ପର୍କରେ ଅଗ୍ନିଶମ କର୍ମଚାରୀ ସଚେତନ କରିଥିଲେ। ପ୍ରଥମ ଦିନରେ ମୋହନା ବଜାରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଆଗାମୀ ଦିନରେ ଅନ୍ୟ ସ୍ଥାନ ମାନଙ୍କରେ ମଧ୍ୟ ସଚେତନତା କରାଯିବ ବୋଲି ଅଗ୍ନିଶମ ଅଧିକାରୀ ପ୍ରମୋଦ ଭୂୟାଁ ସୂଚନା ଦେଇଛନ୍ତି।



# ମୋହନାରେ ବିଷୁବ ସଂକ୍ରାନ୍ତି ପାଳିତ



**ମୋହନା, ୧୪।୪(ସମିସ):** ଗଜପତି ଜିଲ୍ଲା ମୋହନା ସ୍ଥିତ ଶ୍ରୀ ହନୁମାନ ମନ୍ଦିର ପରିସରରେ ରବିବାର ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ମହାଆଡମ୍ବରରେ ପାଳିତ ହୋଇଯାଇଛି। ସକାଳ ସମୟରେ ନାମ, ଘୃତ, ଅନ୍ନ ଯଜ୍ଞ ହେବା ସହ ପଣା ବଣ୍ଟନ କରାଯାଇଥିଲା। ପରେ ୧୦୮ ହନୁମାନ ଚାଳିଶା ପାଠ ସହ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଚିନ୍ତାମଣି ମିଶ୍ର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ହନୁମାନ ସେବା ସମିତି ସଦସ୍ୟ ଜୋଗେନ୍ଦ୍ର ସାହୁ, ନୀଳାଞ୍ଚଳ ପାଢ଼ୀ, ରବି ସାମନ୍ତରା, ରବୀନ୍ଦ୍ରନାରାୟଣ ପାଢ଼ୀ ଓ ବସନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋହନା ସମେତ ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ଯୋଗ ଦେଇଥିଲେ।

# ମହାସମାରୋହରେ ପଣା ସଂକ୍ରାନ୍ତି ପାଳିତ

**ପାରଳାଖେମୁଣ୍ଡି,୧୪।୪(ସମିସ):** ପାରଳାଖେମୁଣ୍ଡିରେ ମହାସମାରୋହରେ ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଏବଂ ପଣାସଂକ୍ରାନ୍ତି ପାଳିତ ହୋଇଯାଇଛି। ଏହି ଅବସରରେ ମହାବୀର ହନୁମାନ ଜୟନ୍ତୀ ମଧ୍ୟ ବିଭିନ୍ନ ଅନୁଷ୍ଠାନ ତଥା ମନ୍ଦିରରେ ପାଳନ ହୋଇଛି। ସହରର ସର୍ବପୁରାତନ କଲେଜ ଛକ, ନେହେରୁ ଛକ, ଡେଟା ହନୁମାନ, ରେଲଷ୍ଟେସନ ଆଦି ମନ୍ଦିର ସହ କରଣସାହି, କେଉଟସାହିରେ ଥିବା ବିଗ୍ରହରେ ଧୂମ୍‌ଧାମରେ ପୂଜାର୍ଚ୍ଚନା, ପୂର୍ଣ୍ଣାହୂତି, ୧୦୮ ହନୁମାନ ଚାଳିଶା ପଠନ, ପଣାବଣ୍ଟନ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା। ଏହାବ୍ୟତୀତ ଏହି ସବୁ ସ୍ଥାନରେ ବିଭିନ୍ନ କମିଟି ପକ୍ଷରୁ ଅନ୍ନସେବା ଶ୍ରଦ୍ଧାଳୁଙ୍କ ପାଇଁ ଆୟୋଜନ କରାଯାଇଥିଲା। ସେହିପରି ବିଭିନ୍ନ ଛକ ସ୍ଥାନରେ ବିଭିନ୍ନ ଯୁବଗୋଷ୍ଠୀ ଏବଂ ବିଭିନ୍ନ ସଂଗଠନଙ୍କ ପକ୍ଷରୁ ପଣା ପ୍ରସ୍ତୁତ କରି ପଥଚାରୀଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଆଜି ଓଡ଼ିଆ ନବବର୍ଷ ହୋଇଥିବା ଯୋଗୁଁ ନିଜ ନିଜ ମଧ୍ୟରେ ଅଭିନନ୍ଦନ ବାର୍ତ୍ତା ଦେଉଥିବା ଦେଖିବାକୁ ମିଳିଥିଲା। ପାରଳାଖେମୁଣ୍ଡି ଆନ୍ଧ୍ର ସୀମାନ୍ତବର୍ତ୍ତୀ ଅଞ୍ଚଳ ଏବଂ ଓଡିଆ ତେଲୁଗୁ ଦ୍ୱିଭାଷୀ ଅଞ୍ଚଳ ହୋଇଥିଲେ ମଧ୍ୟ ଏଠାରେ ଭାଇଚାରା ଦୃଷ୍ଟିରୁ ଓଡ଼ିଆ ନବବର୍ଷକୁ ସମସ୍ତେ ପାଳନ କରିଥିବା ଦେଖିବାକୁ ମିଳିଥିଲା।



## ● ପୂଜକଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

# ୨୫ ଭରି ସୁନା, ୪୫ ହଜାର ଟଙ୍କା ଲୁଟିଲେ

**ମୋହନା, ୧୪।୪(ସମିସ):** ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ଚାନ୍ଦିପୁଟ ସ୍ଥିତ ଶ୍ରୀ ଚନ୍ଦ୍ରଶେଖର ମନ୍ଦିରର ପୂଜକ ଉଦୟନାଥ ମହାପାତ୍ରଙ୍କ ଘରେ କଳାକନା ବୁଲାଇଛନ୍ତି ଚୋର। ୨୫ ଭରି ସୁନା ଅଳଙ୍କାର ସହ ୪୫ହଜାର ଟଙ୍କା ନେଇଯାଇଛନ୍ତି ଚୋର। ସ୍ତ୍ରୀଙ୍କ ହାର୍ଟ ଅପେରସନ୍ ପାଇଁ ଉଦୟନାଥଙ୍କ ପରିବାର ଲୋକେ ପ୍ରାୟ ଏକ ସପ୍ତାହ ହେବ ବ୍ରହ୍ମପୁରରେ ରହୁଥିଲେ। ଶନିବାର ସନ୍ଧ୍ୟାରେ ବ୍ରହ୍ମପୁରରୁ ଫେରି ଦେଖିବା ବେଳେ ବାଡ଼ି କବାଟ ତାଡି ତାଙ୍କର ସମସ୍ତ ସୁନା ଅଳଙ୍କାର ଏବଂ ଟଙ୍କା କେହି ନେଇଯାଇଛି। ଏନେଇ ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। କିଛି ଦିନ ମଧ୍ୟରେ ଅଞ୍ଚଳର ଅନେକ ସ୍ଥାନରୁ ଏଭଳି ଚୋରି ଘଟଣା ସାମ୍ନାକୁ ଆସିଛି।



# ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ ଉତ୍ସବ




**ପାରଳାଖେମୁଣ୍ଡି,୧୪।୪(ସମିସ):** ପାରଳାଖେମୁଣ୍ଡିରେ ଜିଲ୍ଲା ପ୍ରଶାସନ ତରଫରୁ ଡ.ଭୀମରାଓ ରାମଜୀ ଅମ୍ବେଦକରଙ୍କ ଜିଲ୍ଲାସ୍ତରୀୟ ୧୩୩ତମ ଜୟନ୍ତୀ ପାଳିତ ହୋଇଥିଲା। ଏହି ଅବସରରେ ନୂଆ ବସଷ୍ଟାଣ୍ଡରେ ଥିବା ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ, ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ. କୁମାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଡ଼.ଗୁଣନିଧି ନାୟକ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ପାରଳା ପୌରାଧ୍ୟକ୍ଷା ନିର୍ମଳା ସେଠୀ, ପାରଳା ପୌରପରିଷଦ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ଖିଲ ଓ ରାୟଗଡ୍ଡ ବ୍ଲକ ଶିକ୍ଷା ଅଧିକାରୀ ଏସ.ପାପା ରାଓ, ସମେତ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇ ମାଲ୍ୟାର୍ପଣ କରାଯାଇଥିଲା। ଅତିଥିମାନେ ଅମ୍ବେଦକରଙ୍କ ଜୀବନୀ, ସଂରକ୍ଷଣ ବ୍ୟବସ୍ଥା, ସମ୍ବିଧାନ ପ୍ରଣୟନ ସମୟରେ ବିଜ୍ଞତାର ପରିଚୟ ଦେଇଥିବା ମତବ୍ୟକ୍ତ କରିଥିଲେ। ସେ ବହୁ ଦେଶର ଗଣତାନ୍ତ୍ରିକ ସମ୍ବିଧାନ ଅଧ୍ୟୟନ କରି ଭାରତୀୟ ସମ୍ବିଧାନ ପ୍ରସ୍ତୁତ କରିଥିବା ଏବଂ ଏହାର ସାରମର୍ମ ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି ସମାଜର ପରିବର୍ତ୍ତନ ସହିତ ସମ୍ବିଧାନର ପରିବର୍ତ୍ତନ ସକାଶେ ମଧ୍ୟ ଭାରତୀୟ ସମ୍ବିଧାନରେ ବ୍ୟବସ୍ଥା ରହିଥିବା ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ ପରିଚାଳନା କରିଥିବା ବେଳେ ବରିଷ୍ଠ କର୍ମଚାରୀ ନରସିଂହ ବାଜବନ୍ଧୁ ସହଯୋଗ କରିଥିଲେ। ସେହିପରି ସହରର ଦାଣ୍ଡମାଳା ସାହିରେ ଥିବା ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ପ୍ରଶାସନ ଓ ବିଭିନ୍ନ ସଂଗଠନଙ୍କ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା।

## ଲାଇଲାଇ ଗ୍ରାମବାସୀ ଭୋଗୁଛନ୍ତି ଜଳକଷ୍ଟ

# ହଜାରେ ଗ୍ରାମବାସୀଙ୍କ ପାଇଁ ୨ ନଳକୂପ








ରାୟଗଡ଼, ୧୪।୪(ସମିସ)

ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ସରକାରଙ୍କର କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଆଜି ବି ଏମିତି କିଛି ଗାଁ ଅଛି ଏହି ଯୋଜନାର ସୁଫଳ ଅନେକ ସ୍ଥାନରେ ପହଞ୍ଚି ପାରିନାହିଁ। ଏମିତି ଏକ ଗାଁ ହେଉଛି ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଲାଇଲାଇ। ଏଠାକାର ଲୋକେ ବିଶୁଦ୍ଧ ପାଣି ଟୋପାଏ ପାଇପାରୁନଥିବା ବେଳେ ନାଳ ପାଣି ହିଁ ସେମାନଙ୍କୁ ସାହା ଭରସା ହୋଇଛି। ଏହି ନାଳ ପାଣି ଆଣିବା ପାଇଁ ମଧ୍ୟ ସେମାନଙ୍କୁ ଦୁଇ କିମି ଯିବାକୁ ପଡୁଛି। ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଗୁହାରି କରାଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଗ୍ରାମର ମହିଳା ଅଭିଯୋଗ କରିଛନ୍ତି। ହେଲେ ଅତିଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ବିଡିଓ।

ପ୍ରକାଶ ଯେ, ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ଲାଇଲାଇ ଗାଁ। ପଞ୍ଚାୟତ ସଦରମହକୁମା ଏହି ଗାଁରେ ଦେଢଶହରୁ ଅଧିକ ପରିବାର ବସବାସ କରୁଥବା ବେଳେ ଲୋକସଂଖ୍ୟା ପ୍ରାୟ ୧ ହଜାର। ଏତେ ସଂଖ୍ୟକ ଲୋକଙ୍କ ପାଇଁ ଗାଁରେ ଦୁଇଟି ନଳକୂପ ରହିଥିବା ବେଳେ ସେଥିରୁ ବାହାରୁଥିବା ପାଣି ଏତେ ମଇଳା ଯେ ଲୋକେ ତାହାକୁ ପିଇବା ପାଇଁ ତ ଦୂରର କଥା ବ୍ୟବହାର ମଧ୍ୟ କରିବାକୁ ସାହସ କରିପାରୁନାହାନ୍ତି। ସେହିପରି ଗ୍ରାଭିଟି ଫ୍ଲୋ ମାଧ୍ୟମରେ ଗାଁକୁ ପାଣି ଯୋଗାଇବା ପାଇଁ ଏକ ପ୍ରକଳ୍ପ କରାଯାଇଥିଲେ ମଧ୍ୟ ତାହା ଲୋକଙ୍କ କାମରେ ଆସିପାରୁନାହିଁ। ଏଭଳି ସ୍ଥିତିରେ ଏହି ଗାଁର ଲୋକଙ୍କ ସାହା ଭରସା ପାଲଟିଛି ଗାଁ ଠାରୁ ଦୁଇ କିମି ଦୂରରେ ଥିବା ନାଳ। ଏହି ନାଳର ପାଣି ବର୍ଷା ଦିନରେ ଗୋଳିଆ ରହୁଥିବା ବେଳେ ଖରାଦିନେ ଜଳକଷ୍ଟ ଦେଖାଦେଉଛି। ଏଭଳି ସ୍ଥିତିରେ ଗାଁର ମହିଳା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଏହି ପାଣି ବ୍ୟବହାର ଦ୍ୱାରା ଗାଁର ଅନେକ ବିଭନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ପଞ୍ଚାୟତ ଠାରୁ ଆରମ୍ଭ କି ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ଯାଏଁ ସବୁ ସ୍ଥାନରେ ଜଣାଇଛନ୍ତି ଗ୍ରାମବାସୀ। ହେଲେ ଆଜି ଯାଏଁ ପାନୀୟ ଜଳ ସମସ୍ୟାର ସମାଧାନ ହୋଇପାରି ନ ଥିବା ବେଳେ ସରକାର ଏହି ଗାଁ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ପାଣି ସମସ୍ୟାର ସମାଧାନ କରିବାକୁ ମହିଳାମାନେ ଦାବି କରିଛନ୍ତି। ବସୁଧା ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ସହ ଏହା ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ଗାଁର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଥିବା କୁହାଯାଇଛି। ହେଲେ ବାସ୍ତବ ସ୍ଥିତି ଏହି ଗାଁର ଚିତ୍ରରୁ ସ୍ପଷ୍ଟ ବାରି ହୋଇପଡୁଛି। ଆଦିବାସୀ ଅଧ୍ୟୁଷିତ ଏହି ଗାଁ ଲୋକେ ଦୀର୍ଘ ବର୍ଷ ହେବ ଜଳକଷ୍ଟ ସମସ୍ୟାର ସମାଧାନ ପାଇଁ ଦାବି କରିଆସୁଥିଲେ ମଧ୍ୟ ସେମାନଙ୍କ କଥା ପ୍ରତି କେହି ଦୃଷ୍ଟି ଦେଉ ନଥିବା ଅଭିଯୋଗ କରାଯାଇଛି। ବିଡିଓ ସୁଧୀର କୁମାର ସିଂଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ଏହି ସମସ୍ୟା ସମ୍ପର୍କରେ ଖବର ପାଇଥିବା କହିବା ସହ ତୁରନ୍ତ ଏହି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

● ପାଣି ଆଣିବା ପାଇଁ ଯିବାକୁ ପଡୁଛି ୨ କିଲୋମିଟର

# ବିଭିନ୍ନ ସ୍ଥାନରେ ମେରୁ ପର୍ବ ପାଳିତ



**ପୁରୁଷୋତ୍ତମପୁର,୧୪।୪(ସମିସ):** ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ମା' ଦଣ୍ଡ କାଳୀଙ୍କ ୨୧ ଦିନିଆ ଦଣ୍ଡଯାତ୍ରା ମେରୁ ପର୍ବ ଉଦ୍‌ଯାପିତ ହୋଇଛି। ପୁରୁଷୋତ୍ତମପୁର ସହରରେ ଥିବା ତିନି ଗୋଟି ଦଣ୍ଡ ଯାତ୍ରା ଦଳ ଧୋବା ପୁଞ୍ଜା, ବିପତ୍ତି ହାରିଣି ତେଲି ପୁଞ୍ଜା ଓ ଗୌଡ ପୁଞ୍ଜାର ମେରୁ ପଡିଆ ଓ ସମ୍ପୂର୍ଣ୍ଣ ସହର ଜନ ସମୁଦ୍ର ହୋଇପଡିଛି। ଏନେଇ ସହର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଯାତ୍ରାରେ ଲକ୍ଷାଧିକ ଜନ ସମାଗମ ହୋଇଥିଲା। ପ୍ରଥମେ ସକାଳୁ ସକାଳୁ ପ୍ରତ୍ୟେକ ପୁଞ୍ଜାର ଭୂକ୍ତା ନିଜ ନିଜର ମନ୍ଦିର ଠାରେ ପହଞ୍ଚି ଥିଲେ। ସେମାନେ ସହରର ସମସ୍ତ ସାହି ପରିଭ୍ରମଣ କରି ଢୋଲ, ଘଣ୍ଟ, ଝାଞ୍ଜ ଓ ହୁଳହୁଳି ଶବ୍ଦସହ ଭୂକ୍ତାମାନଙ୍କର ଶ୍ରୀ ଶ୍ରୀ କଳାରୁଦ୍ରମଣିକି ଭଜହେ ଡାକରେ ସହର ପରିବେଶ ପ୍ରକମ୍ପିତ ହୋଇଉଠୁଥିଲା। ସହରର ପ୍ରତ୍ୟେକ କାଳୀମନ୍ଦିର ସମ୍ମୁଖରେ ଧୂଳିଦଣ୍ଡ, ମନ୍ଦିର ପୋଖରୀରେ ପାଣିଦଣ୍ଡ ନୀତି ସମ୍ପନ୍ନ ପରେ ମେରୁ କୁଣ୍ଡରେ ପାଟଭୁକ୍ତାଙ୍କୁ ଝୁଲାଇ ମେରୁ ଯାତ୍ରା ସମ୍ପର୍ନ୍ନ କରିଥିଲେ। ମା' ଦଣ୍ଡ କାଳୀଙ୍କ ଆଶୀର୍ବାଦ ଭିକ୍ଷା ଲାଗି ଶହ ଶହ ସଂଖ୍ୟାରେ ମହିଳା ମାନେ ପ୍ରଚଣ୍ଡ ଖରାରେ ପୋଖରୀ ତୋଠରେ ଅଧିଆ ପଡିଛନ୍ତି। ଏହି ଅଧିଆ ପଡିଲେ ନିଜ ନିଜର ମନସ୍କାମନା ପୁରଣ ହେବା ସହ ଫଳ ପ୍ରାପ୍ତ ହୁଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଉଦଯାପିତ ଅବସରରେ ହଜାର ହଜାର ଭକ୍ତ ମା'ଙ୍କୁ ଦର୍ଶନ କରି ଆର୍ଶୀବାଦ ଭିକ୍ଷା କରୁଛନ୍ତି। ପୁଲିସ ପ୍ରଶାସନ ପକ୍ଷରୁ ଏସଡିପିଓ ରଜନୀ କାନ୍ତ ସାମଲ ଓ ଆଇଆଇସି ବିପିନି ବିହାରୀ ହୋତା ତତ୍ତ୍ୱାବଧାନରେ ଟ୍ରାଫିକ ନିୟନ୍ତ୍ରଣ ଲାଗି ସହର ବିଭିନ୍ନ ସ୍ଥାନରେ ଫୋର୍ସ ମୁତୟନ ରହିଛନ୍ତି। ପ୍ରଚଣ୍ଡ ଖରାକୁ ଦୃଷ୍ଟିରଖି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ପଣା ବଣ୍ଟନ କରାଯାଇଥିଲା। ରାତ୍ର ପ୍ରତ୍ୟେକ ଦଣ୍ଡ ନିଜ ନିଜ ପାର୍ଟି ଅଧିକାରୀଙ୍କ ଘର ସାମ୍ନାରେ ମନୋରଞ୍ଜନ ପାଇଁ ନାଟ ପରିବେଷଣ କରିଥିଲେ। ସେହିପରି ପୁରୁଷୋତ୍ତମପୁର ବ୍ଲକରେ ବାଣନଇ, ମୋରାବଇ, ଶିକୁଳା, ଜାମୁନି, ରାଉଳପଲ୍ଲୀ, କୋଳିଦାଶପୁରୁ, ଭାଟକୁମରଡା ବିଭିନ୍ନ ସ୍ଥାନରେ ମେରୁ ଯାତ୍ରା ପାଳନ ହୋଇଛି। ହନୁମାନ ଜୟନ୍ତୀ ଥିବାରୁ ବିଭିନ୍ନ ଗ୍ରାମର ହନୁମାନ ମନ୍ଦିରରେ ହନୁମାନ ଜୟନ୍ତି ମହାଆଡମ୍ବରରେ ପାଳିତ ହୋଇଯାଇଛି।

## ଶେରଗଡ଼ର ବିଭିନ୍ନ ସ୍ଥାନରେ ମେରୁ ପର୍ବ





**ଶେରଗଡ଼,୧୪।୪(ସମିସ):** ପବିତ୍ର ମହା ବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେ ଶେରଗଡ ବ୍ଲକର ବିଭିନ୍ନ ଦଣ୍ଡକାଳୀ ମନ୍ଦିରରେ ରବିବାର ଦିନ ପାରମ୍ପରିକ ରିତିନୀତି ଓ ନିଷ୍ଠାର ସହ ମେରୁ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ପର୍ବରେ ୧୩, ୧୮, ୨୧ ଦିନିଆ ଦଣ୍ଡ ଦଳ ସାମିଲ ଥିଲେ। ଶେରଗଡ ବ୍ଲକର ଅଲାରିଗଡ, କୁଲାଗଡ, ଆମ୍ବୁଆବାଡି, ଡିଙ୍କିଶାଳ, ଡେଙ୍ଗାପଦର,ଗୋଠଗାଁ, ପିତଳ, ବରମୁଣ୍ଡୁଳି, ବନ୍ଧାଗୁଡା,ଖିରିଡା, ପୁନାନ୍ଦ,ଧବଳପୁର ,କୁରୁଳା ଆଦି ଦଣ୍ଡ କାଳୀ ପିଠରେ ବିଧି ମୁତାବକ ପୂଜାର୍ଚ୍ଚନା କରାଯାଇଥିଲା। ମାନସିକଧାରୀ ଦଣ୍ଡୁଆ ମାନେ ଗ୍ରାମର ବିଭିନ୍ନ ସାହି ପରିକ୍ରମା କରି ମା'ଙ୍କ ଯାତନା ଭୋଗ ପୂଜା କରି ମଧ୍ୟାହ୍ନରେ କାଳୀ ମନ୍ଦିରରେ ପହଞ୍ଚି ମେରୁ ପଡିଆରେ ଧୂଳିଦଣ୍ଡ ଏବଂ ପାଣିଦଣ୍ଡ ଭାଙ୍ଗି ମେରୁ ଖୁଣ୍ଟ ପାଖରେ ପହଞ୍ଚିଥିଲେ। ପ୍ରତ୍ୟେକ ମେରୁ ପଡିଆରେ ହଜାର ହଜାର ମାନସିକଧାରୀ ଓ ବ୍ରତଧାରୀ ମାନେ ମେରୁ ଓହଳା ଦର୍ଶନ ଏବଂ ଆଶିର୍ବାଦ ପାଇଁ ଉତ୍କଣ୍ଠା ର ସହ ଅପେକ୍ଷା କରିଥିବା ବେଳେ ଦଣ୍ଡୁଆ ମାନେ କଳାରୁଦ୍ରମଣିଙ୍କୁ ଭଜ ହେ ଡାକରେ ପ୍ରକମ୍ପିତ ହେଉଥିଲା ଚତୁର୍ଦିଗ। ଏହି ସମୟରେ ଶ୍ରଦ୍ଧାଳୁ ମାନଙ୍କ ହରିବୋଲ ହୁଳହୁଳି ଧ୍ୱନି ରେ ପ୍ରକମ୍ପିତ ହୋଇଥିଲା। ଶ୍ରଦ୍ଧାଳୁ ମାନେ ମେରୁ ପଟାରେ ନଡ଼ିଆ ଭାଙ୍ଗି ଭୋଗ କରିଥିଲେ। ଏ ଅବସରରେ ଦକ୍ଷିଣ ଓଡିଶାର ଖ୍ୟାତି ଅର୍ଜନ କରିଥିବା କୁଲାଗଡର ମେରୁ ପୂଜା ନିଆରା। ପ୍ରତ୍ୟେକ ଦଣ୍ଡରେ ଦିନ ବେଳେ ମେରୁ ପର୍ବ ଅନୁଷ୍ଠିତ ହେଉଥିବା ବେଳେ କୁଲାଗଡରେ ପୂଜା ପାଉଥିବା ମା କାଳୀ ମହାମାୟୀଙ୍କ ମେରୁ ପର୍ବ ରାତି ୧୨ଟା ପରେ ଅନୁଷ୍ଠିତ ହୋଇଥାଏ। ଏହି ମେରୁ ପର୍ବକୁ ଦେଖିବା ଲାଗି ହଜାର ହଜାର ସଂଖ୍ୟାରେ ଭକ୍ତ ଏବଂ ଶ୍ରଦ୍ଧାଳୁ ବହୁ ଦୂରଦୂରାନ୍ତରୁ ଆସିଥାନ୍ତି। ଶେରଗଡ ପୁଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା କୁ ଦୃଷ୍ଟିରେ ରଖି କୁଲାଗଡ ରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି।

## ଗଣପର୍ବ ଦଣ୍ଡଯାତ୍ରା ଉଦ୍‌ଯାପିତ, ମେରୁ ପର୍ବ ପାଳିତ

**ବୁଗୁଡା,୧୪।୪(ସମିସ):** ବୁଗୁଡା ଏବଂ ଏହାର ଆଖପାଖ ଅଞ୍ଚଳରେ ଚାଲିଥିବା ଗଣପର୍ବ ଦଣ୍ଡଯାତ୍ରା ପବିତ୍ର ମେରୁ ମାସନ୍ତ ଏବଂ ସଂକ୍ରାନ୍ତିରେ ଉଦଯାପିତ ହୋଇଯାଇଥିଲା ବେଳେ ଉତ୍ସାହର ସହ ମେରୁ ପର୍ବ ପାଳିତ ହୋଇଯାଇଛି। ଚଳିତ ବର୍ଷ ପ୍ରବଳ ଜନ ସମାଗମ ସହ ଆନନ୍ଦ ଓ ଉଲ୍ଲାସରେ ତାଳସାକର ଓ ଡାକରାବାଡି ଗ୍ରାମରେ ମାସନ୍ତ ମେରୁ ଏବଂ ବୁଗୁଡ଼ା ସମେତ ଚିରିକିପଡା, ମରେଇପଲ୍ଲୀ, ଗୋଳିଆ, ଭାମଶ୍ୟାଳି, ପଙ୍କଳବାଡି,ଆଶ୍ରମ କରଡ଼ାବାଡ଼ି, ପୋଚାଲୁଣ୍ଡି, ବଲ୍ଲିପଲ୍ଲୀ, ବଣପଲ୍ଲୀ,ପାଣିକେଶର,ଭାବସର, ଚିଲିଖମା ଓ କାନନକୁଟୀର ଆଦି ଗ୍ରାମରେ ସଂକ୍ରାନ୍ତି ମେରୁ ପର୍ବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପର୍ବ ପାଳନ ଅବସରରେ ଦଣ୍ଡକାଳୀ ମନ୍ଦିର ଗୁଡିକ ନିକଟରେ ଯଥା ରୀତିନୀତି ପ୍ରକାରେ ଧୂଳିଦଣ୍ଡ, ଜଳଦଣ୍ଡ ଓ ଅଗ୍ନିଦଣ୍ଡ ପରେ ଦଣ୍ଡୁଭୁକ୍ତାମାନେ ଗ୍ରାମ୍ୟ ପରିକ୍ରମା କରିଥିଲେ। ତା'ପରେ ମେରୁ ମଣ୍ଡପଠାରେ ହୋମକୁଣ୍ଡ ପ୍ରଜ୍ୱଳନ କରାଯାଇ ତାହା ଉପରେ ପାଟ ଦଣ୍ଡୁଆଙ୍କୁ ଝୁଲାଇ ଝୁଣାମାଡ କରାଯାଇଥିଲା । ଏହି ଦୃଶ୍ୟ ଦେଖିବା ସହ ଶ୍ରଦ୍ଧାଳୁଗଣ ଭକ୍ତିପୂର୍ଣ୍ଣ ଭାବେ ରୁଦ୍ର ଏବଂ କାଳୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏ ଅବସରରେ ବୁଗୁଡା ସହରାଞ୍ଚଳ ଓ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପଣା ବଣ୍ଟନ କରାଯାଉଥିବା ଦେଖିବାକୁ ମିଳିଥିଲା ।

## ପୋଲସରା ଅଞ୍ଚଳରେ ମେରୁଯାତ୍ରା ଉଦ୍‌ଯାପିତ

**ପୋଲସରା,୧୪।୪(ସମିସ):** ପୋଲସରା ଅଞ୍ଚଳରେ ବହୁ ପ୍ରସିଦ୍ଧ ମାଁ ଦକ୍ଷିଣକାଳୀଙ୍କ ଦଣ୍ଡଯାତ୍ରା ବହୁ ଆଡ଼ମ୍ବର ସହ ଆରମ୍ଭ ହୋଇ ମେରୁ ପର୍ବରେ ଉଦଯାପିତ ହୋଇଯାଇଛି। ମାନସିକ ଧାରୀ ତଥା ଦଣ୍ଡୁଆ ମାନେ ନିଜ ନିଜର ମାନସିକ ପୂରଣକୁ ନେଇ ଭକ୍ତିର ସହ ଏହି ମହାନ ଗଣପର୍ବ ଦଣ୍ଡଯାତ୍ରାରେ ସାମିଲ ହେଇ ଗାଁରୁ ଗାଁ ପରିଭ୍ରମଣ କରିଥିଲେ। ବିଭିନ୍ନ ଗ୍ରାମରେ ମାଁ ଦକ୍ଷିଣକାଳୀଙ୍କ ଦଣ୍ଡଯାତ୍ରାର ଉଦଯାପନୀ ଉତ୍ସବ ତଥା ମେରୁ ପର୍ବ ବହୁ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ପବିତ୍ର ଚୈତ୍ରମାସରେ ମାନସିକ ଧାରୀ ଶ୍ରଦ୍ଧାଳୁ ମାନେ ନିଜେ ନିଜର ପରମ୍ପରାକୁ ପାଥେୟ କରି ଦିର୍ଘ ୧୩ ଦିନ ଧରି ମହାସମାରୋହରେ ମାଁ ଦକ୍ଷିଣ କାଳୀଙ୍କୁ ଗାଁକୁ ଗାଁ ଧରି ପରିଭ୍ରମଣ କରିଥିଲେ। ଆଜି ମେରୁ ଯାତ୍ରା ଅବସରରେ ମା' ଦକ୍ଷିଣକାଳୀଙ୍କ ମନ୍ଦିରରେ ପାଟ ଦଣ୍ଡୁଆ ସ୍ନାନସାରି ଓଦାବସ୍ତ୍ରରେ ପ୍ରଭୁଙ୍କୁ ଦର୍ଶନ କରନ୍ତି, ତାଙ୍କ ଦେହରେ ମା ବିଜେ ହେବା ପରେ ତାଙ୍କୁ ନିୟନ୍ତ୍ରଣ କରନ୍ତି ଏହା ପରେ ତାଙ୍କୁ ମେରୁ ଖୁଣ୍ଟରେ ଓଲଟା ଝୁଲାଇ ଦିଆଯାଏ। ତଳେ ଝୁଣା ଧୂଆଁର ଝାସରେ ସେ ଅଚେତ ଅବସ୍ଥାରେ ସେଥିରେ ଝୁଲି ରହନ୍ତି। ପରେ ତାଙ୍କୁ ଓହ୍ଲେଇ ପଞ୍ଚାମୃତରେ ସ୍ନାନ କରାନ୍ତି। ଏହାପରେ ଝାମୁ ଯାତ୍ରାର ମଧ୍ୟ ଆୟୋଜନ କରାଯାଇଥାଏ। । ମା' ଦକ୍ଷିଣକାଳୀଙ୍କ ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଉପସ୍ଥିତରେ ମେରୁ ଯାତ୍ରା ଆରମ୍ଭ ହୋଇ ଥିବା ବେଳେ ମାନସିକ ଧାରି ଦଣ୍ଡୁଆମାନେ ଯଥା ରିତିନିତୀ ଅନୁସାରେ ଧୂଳିଦଣ୍ଡ , ପାଣି ଦଣ୍ଡ , ପୂର୍ଣ୍ଣଆହୁତି ଓ ମେରୁ ଝୁଲିବା କାର୍ଯ୍ୟକ୍ରମ ସୂଚାରୁ ରୂପେ ପରିଚାଳନା କରାଯାଇଥିଲା। । ଏହି ୧୩ ଦିନ ଧରି ଦଣ୍ଡ ଯାତ୍ରାକୁ ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ। ପୋଲସରା, ମଥୁରା, ହାତୀଓଟ, ଢୁଙ୍କାପଡ଼ା, ବିଲେଇଝୁରୀ, ଖଇଖତ, ଜେମାଦେଇପୁର, କଣଛାଇ ଅଞ୍ଚଳରେ ମେରୁ ପର୍ବ ଅନୁଷ୍ଠିତ ହୋଇଯାଇଛି। ମେରୁ ପର୍ବ ସହିତ ପଣା ସଂକ୍ରାନ୍ତି ପର୍ବକୁ ମଧ୍ୟ ବେଶ୍ ଧୂମଧାମରେ ପାଳନ କରିଛନ୍ତି। ପ୍ରତ୍ୟେକ ସାହି ଛକ ନିକଟରେ ଯୁବକ ସଙ୍ଘ ତଥା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପଣା ବଣ୍ଟନ କରିବା ସହ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ ।



## ଝୁଣାପଣାରେ ମହକିଲା ଝାମୁଯାତ୍ରା ପଡ଼ିଆ

**ବେଲଗୁଣ୍ଠା,୧୪।୪(ସମିସ):** ମହା ବିଷୁବ ସଂକ୍ରାନ୍ତି ଅବସରରେ ବେଲଗୁଣ୍ଠା ବ୍ଲକର ବିଭିନ୍ନ ଗ୍ରାମରେ ଉଦଯାପିତ ହୋଇ ଯାଇଛି। ଏହି ବ୍ଲକର ସତରଟି ଗ୍ରାମରୁ ପନ୍ଦରଟି ଗ୍ରାମରେ ଶନିବାର ମାସନ୍ତ ମେରୁ ଅନୁଷ୍ଠିତ ହୋଇଥିବା ବେଳେ ଆଜି ଆଉ ଦୁଇଟି ଗ୍ରାମରେ ସଂକ୍ରାନ୍ତି ମେରୁ ଉଦଯାପିତ ହୋଇ ରୁଦ୍ର ଏବଂ କାଳୀ ନିଜ ମନ୍ଦିରକୁ ଫେରିଥିବା ବେଳେ ମାନସିକଧାରୀ ଦଣ୍ଡଭୂକ୍ତାମାନେ ନିଜ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବେଲଗୁଣ୍ଠା ବ୍ଲକ୍ ର ଜାଲଖାଇ ଏବଂ ଇନ୍ଦନପୁର ଆଦି ଗ୍ରାମରେ ଝାମୁଯାତ୍ରା ଅନୁଷ୍ଠିତ କରଯାଇ ଦଣ୍ଡଯାତ୍ରା ଉଦଯାପିତ ହୋଇଛି ଓ ସେହିପରି ଗାଙ୍ଗପୁର ଥାନା ଅନ୍ତର୍ଗତ କେଶରାପଲ୍ଲୀ, ପଣିବନ୍ଧ ଏବଂ ଖୁକୁଣ୍ଡିଆ ଗ୍ରାମରେ ମଧ୍ୟ ସଂକ୍ରାନ୍ତି ମେରୁ ଉଦଯାପିତ ହୋଇଯାଇଛି। ପ୍ରବଳ ଖରା ସତ୍ତ୍ୱେ ଝାମୁଯାତ୍ରା ଦେଖିବା ପାଇଁ ମେରୁମଣ୍ଡପ ଗୁଡ଼ିକରେ ପ୍ରବଳ ଭିଡ଼ ଦେଖିବକୁ ମିଳିଥିଲା। ହରିବୋଲ, ହୁଳହୁଳି ,ଜୟ ରୁଦ୍ରକାଳୀ ଧ୍ୱନି ସହିତ ଢୋଲ, ମହୁରୀ, ଗିନି ଶବ୍ଦରେ ମେରୁ ମଣ୍ଡପ ଗୁଡ଼ିକ ପ୍ରକମ୍ପିତ ହୋଇଥିଲା ଓ ସନ୍ଧ୍ୟାରେ ଆଳତୀ ଅନୁଷ୍ଠିତ ହେବା ପରେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ମା'କାଳୀଙ୍କ ଝାମୁଯାତ୍ରା, ଜମିଲା ଭକ୍ତଙ୍କ ଭିଡ଼



**ଜଗନ୍ନାଥପ୍ରସାଦ,୧୪।୪(ସମିସ):** ଜଗନ୍ନାଥପ୍ରସାଦ ବ୍ଲକ ସ୍ଥିତ କୁମ୍ଭାପଡା ଗ୍ରାମର ମା କାଳୀଙ୍କ ପବିତ୍ର ଝାମୁ ଯାତ୍ରାଙ୍କୁ ନେଇ ସ୍ଥାନୀୟ ମନ୍ଦିର ପୀଠ ଚଳଚଞ୍ଚଳ ହୋଇଛି। ଶହଶହ ଭକ୍ତଙ୍କ ଗହଳିରେ ସୃଷ୍ଟି ହେଇଛି ଆଧ୍ୟାତ୍ମିକ ପରିବେଶ। ପବିତ୍ର ଝାମୁ ଯାତ୍ରାକୁ ନେଇ ଅଧିଷ୍ଠାତ୍ରୀ ଦେବୀ ମା କାଳୀଙ୍କ ପୀଠ ଚଳଚଞ୍ଚଳ ଓ ଉତ୍ସବ ମୁଖର। ପ୍ରସିଦ୍ଧ ଦଣ୍ଡନାଚର ଶେଷ ଦିନରେ ଅଞ୍ଚଳରେ ସବୁଆଡେ ମେରୁ ସଂକ୍ରାନ୍ତି ଚାଲିଥିବା ବେଳେ ଏହି ପୀଠରେ ବହୁ ବର୍ଷ ପରେ ଝାମୁଯାତ୍ରା ଅନୁଷ୍ଠିତ ହେଉଥିବାରୁ ଅନେକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ରୀତିନୀତି ଅନୁସାରେ ମାଆଙ୍କର ପୂଜା ସଂପୂର୍ଣ୍ଣ ହେବା ପରେ ଭକ୍ତ ମାନେ ସକାଳେ ମାଙ୍କ ଦର୍ଶନ କରି ଆର୍ଶୀବାଦ ଭିକ୍ଷା କରିଥିଲେ। ମଧ୍ୟାହ୍ନରେ ମାନସିକଧାରୀ ଦଣ୍ଡୁଆ ମାନେ ମାଆଙ୍କର ଆଜ୍ଞାମାଳ ପାଇ ମାଆଙ୍କ ସମ୍ମୁଖରେ ନିଆଁରେ ଚାଲିଥିଲେ। ତେବେ ମାଆଙ୍କ ଉଦ୍ଦେଶ୍ୟରେ ଏହି ନିଆଁ ଗାଡରେ ଚାଲିବା ପାଇଁ ମାନସିକଧାରୀ ଓ ଦଣ୍ଡୁଆମାନେ ଏକମାସ ପୂର୍ବରୁ ନିଷ୍ଠାର ସହିତ ରହି ଅଲଗା ରହିବାକୁ ପଡିଥାଏ। ଏହି ଯାତ୍ରା ସମୟ ଦିବା ୧୨ଟା ଠାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୨ଟା ପର୍ଯ୍ୟନ୍ତ ଚାଲୁ ରହିଥିଲା ।ପ୍ରଥମେ ମାଆଙ୍କ ଦ୍ୱାର ଫିଟା ନୀତି ପରେ ସୁର୍ଯ୍ୟ ପୂଜା, ଦ୍ୱାର ପାଳ ପୂଜା, ବଲ୍ଲଭ ନୀତି, ସକାଳ ଧୂପ ଅନୁଷ୍ଠିତ ହୋଇଥିଲା। ଏହା ପରେ ଭକ୍ତ ମାନେ ମାଙ୍କୁ ଦର୍ଶନ ଲାଭ କରିଥିଲେ।

## ସାବୁଳିଆ ଦକ୍ଷିଣେଶ୍ୱର ମନ୍ଦିରରେ ମହାବିଷୁବ ସଂକ୍ରାନ୍ତି



**ରମ୍ଭା,୧୪।୪(ସମିସ):** ସାବୁଳିଆ ଦକ୍ଷିଣେଶ୍ୱର ମନ୍ଦିର ପରିସରରେ ସ୍ଥାପିତ ହନୁମାନ ମନ୍ଦିର ନିକଟରେ ରଘୁନାଥ ମହାପାତ୍ରଙ୍କ ପୌରହିତ୍ୟରେ ୧୦୮ ହନୁମାନ ଚାଳିଶା, ହୋମ ଯଜ୍ଞ, ଘୃତ ଯଜ୍ଞ, ଅନ୍ନ ଯଜ୍ଞ ପ୍ରତିବର୍ଷ ପରି ଚଳିତ ବର୍ଷ ମହା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। କର୍ତ୍ତା ରୂପେ ବସନ୍ତ କୁମାର ପଣ୍ଡା ରହିଥିବା ବେଳେ ପୁରହିତ କାଳୁ ଚରଣ ଶତପଥି ଓ ମନୋରଞ୍ଜନ ଶତପଥି ଥିଲେ। ହନୁମାନ ଜୟନ୍ତୀ ଅବସରରେ ୧୦୮ ହନୁମାନ ଚାଳିଶା ପାଠ କରାଯିବା ସହ ପାତାଞ୍ଜଳି ଗ୍ରୁପ ମୁଖ୍ୟ ଅକ୍ଷୟ କୁମାର ସୁବୁଦ୍ଧି ଓ ସହଯୋଗୀ ସଂକୀର୍ତ୍ତନ ମଣ୍ଡଳୀ ନେତୃତ୍ୱରେ ଚାଲୁ ରହିଥିଲା। କାର୍ଯ୍ୟକ୍ରମରେ ସିଦ୍ଧାର୍ଥ ଶଙ୍କର ପଲେଇ , ବିନୋଦ ବିହାରୀ ଦାସ, ପଞ୍ଚାନନ ଖଟୁଆ, ନବକିଶୋର ମାଝୀ, ଲକ୍ଷ୍ମଣ ଗୌଡ଼, ରମେଶ ପଣ୍ଡା, ରାମଚନ୍ଦ୍ର ବାଡ଼ତୀୟା, ରମେଶ ପରିଡା, ରଞ୍ଜନ ରଣା, ସନ୍ତୋଷ କୁମାର ମହାପାତ୍ର, ମୃତ୍ୟୁଞ୍ଜୟ ମହାନ୍ତି, ପ୍ରଦୀପ କୁମାର ସେନାପତି, ଉମାକାନ୍ତ ସାହୁ, ପୀତବାସ ସାହୁ, ସୋନାଲିକା ମହାପାତ୍ର, ଦୀନବନ୍ଧୁ ସାହୁ, ସୁଦାମ ପରିଡା, ନାରାୟଣ ଦଳେଇ, ବାବୁ ଦାସ ଉଗେରା ପ୍ରମୁଖ ଶତାଧିକ ଭକ୍ତପ୍ରେମୀ ଉତ୍ସାହିତ ଆଧ୍ୟାତ୍ମିକ ପ୍ରେମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ବେଲଗୁଣ୍ଠାରେ ହନୁମାନ ଜୟନ୍ତୀ ପାଳିତ



**ବେଲଗୁଣ୍ଠା,୧୪।୪(ସମିସ):** ପବିତ୍ର ଓଡ଼ିଆ ନବବର୍ଷ ଏବଂ ହନୁମାନ ଜୟନ୍ତୀ ଅବସରରେ ବେଲଗୁଣ୍ଠା ସ୍ଥିତ ହନୁମାନ ମନ୍ଦିରରେ ୧୦୮ ହନୁମାନ ଚାଳିଶା, ହୋମଯଜ୍ଞ ଓ ଅନ୍ନ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ବଣିକ ସଂଘ ସଭାପତି ସନତ୍ କୁମାର ସୁବୁଦ୍ଧି ଏବଂ ତାଙ୍କର ଧର୍ମପତ୍ନୀ ରାଜଲକ୍ଷ୍ମୀ ସୁବୁଦ୍ଧି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପୁରୋହିତ ଭାବେ ଦୁର୍ଗାପ୍ରସାଦ ପତି, ପ୍ରଭାତ ପତି, ରାମକୃଷ୍ଣ ପତି, ଉପେନ୍ଦ୍ର ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏ ଅବସରରେ ଅନୁଷ୍ଠିତ ୧୦୮ ହନୁମାନ ଚାଳିଶାକୁ ଲୋକନାଥ ମିଶ୍ର ପରିଚାଳନା କରିଥିବା ବେଳେ ବହୁ ଶ୍ରଦ୍ଧାଳୁ ହନୁମାନ ଚାଳିଶା ପଠନରେ ଅଂଶଗ୍ରହଣ କରିଥିଲେ। ଏ ଅବସରରେ ସମସ୍ତଙ୍କୁ ପଣା ବଣ୍ଟନ କରାଯାଇଥିଲା । ସେହିପରି ବେଲଗୁଣ୍ଠାରେ ଶ୍ରୀରାମ ଚରିତ ମାନସ ଗତ ଦଶ ତାରିଖରୁ ଆରମ୍ଭ ହୋଇ ଆଜି ପଞ୍ଚମ ଦିନରେ ପହଞ୍ଚିଛି। ଏଥିରେ ପ୍ରବଚକ ରୂପେ ପୁରୀର ବସନ୍ତ କୁମାର ମଙ୍ଗରାଜ ଯୋଗଦେଇ ସନ୍ଧ୍ୟା ଛଅ ଘଣ୍ଟାରୁ ରାତ୍ରି ଦଶ ଘଣ୍ଟା ପର୍ଯ୍ୟନ୍ତ ପ୍ରବଚନ ପ୍ରଦାନ କରୁଛନ୍ତି। ମନ୍ଦିରମାଳିନୀ ସହର ବେଲଗୁଣ୍ଠାର ଲକ୍ଷ୍ମୀ ନୃସିଂହ ମନ୍ଦିର ପରିସରରେ ଅନ୍ନ ଯଜ୍ଞ ଅନୁଷ୍ଠିତ ହେବା ସହ ହୋମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞର ପୂର୍ଣ୍ଣାହୂତି ସମୟରେ ଅଞ୍ଚଳର ବହୁ ବିଷିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ସକାଳୁ ଲକ୍ଷ୍ମୀ ନୃସିଂହ ମନ୍ଦିର, ଜଗନ୍ନାଥ ମନ୍ଦିର, ସୂର୍ଯ୍ୟନାରାୟଣ ମନ୍ଦିର, ଶିବ ମନ୍ଦିର, ବାଲାଜୀ ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପଣାସଂକ୍ରାନ୍ତି ଉପଲକ୍ଷେ ଲୋକଙ୍କୁ ପଣା ବଣ୍ଟନ କରାଯାଇଥିଲା ଓ ଏହି ଅବସରରେ ବେଲଗୁଣ୍ଠାରେ ପ୍ରବଳ ଜନ ସମାଗମ ହୋଇଥିଲା।

## ହନୁମାନ ଜୟନ୍ତୀରେ ନଗର ପରିକ୍ରମା

**ଜି.ଉଦୟଗିରି,୧୪।୪(ସମିସ):** ପବିତ୍ର ମହାବିଷୁବ ସଂକ୍ରାନ୍ତୀ ଓ ହନୁମାନ୍ଙ୍କ ଜୟନ୍ତୀ ଉପଲକ୍ଷେ ପର୍ଶୁରାମ ବାହିନୀ ପକ୍ଷରୁ ହନୁମାନ ଚାଳିଶା ପାଠ କରାଯିବା ସହିତ ସନ୍ଧ୍ୟାରେ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ଅବସରରେ ହନୁମାନଙ୍କ ଚଳନ୍ତି ପ୍ରତିମା ଧରି ନଗର ପରିକ୍ରମା କରାଯାଇଥିଲା। ବହୁ ଭକ୍ତ ପରିକ୍ରମା କରି ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ବାହିନୀ ତରଫରୁ ସଞ୍ଜୟ କୁମାର ଆଚାର୍ଯ୍ୟ, ବୁବୁଲୁ ଆଚାର୍ଯ୍ୟ, ଦଣ୍ଡପାଣି ପାଢୀ, ଦେବୀ ପ୍ରସାଦ ଦାସ ଓ ଉମା ସାମନ୍ତରାୟ ସହର ପରିକ୍ରମାରେ ସାମିଲ ହୋଇଥିଲେ।

## କୁଶାସରୁ ପାହାଡ଼ରେ ପାଳିତ ହେଲା ହନୁମାନ ଜୟନ୍ତୀ

**ଫିରିଙ୍ଗିଆ,୧୪।୪(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଛକ ନିକଟ କୁଶାସରୁ ପାହାଡ଼ ଉପରେ ଥିବା ହନୁମାନ ମନ୍ଦିରରେ ରବିବାର ପବିତ୍ର ପଣାସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳିତ ହୋଇଛି। କୁଶାସରୁ ପାହାଡ଼ର ବିଶେଷତ୍ୱ ରହିଥିବା ବେଳେ ଅଞ୍ଚଳର ଲୋକେ ପୂର୍ବ ପୁରୁଷରୁ ଏହି ପାହାଡକୁ କୁଶାସରୁ ଦେବୀ ନାମରେ ପୂଜା କରିଥିବା ବେଳେ କିଛ ଲୋକେ ବ୍ୟାଘ୍ର ଦେବୀ ନାମରେ ମଧ୍ୟ ପାହାଡ଼ ଉପରେ ପୂଜା କରିଆସୁଛନ୍ତି। ୨୫ ବର୍ଷରୁ ଅଧିକ ହେବ ପାହାଡ଼ ଉପରେ ହନୁମାନ ମନ୍ଦିର ନିର୍ମାଣ କରିବାକୁ ପ୍ରୟାସ କରିଥିବା ବେଳେ ପଥର ଉପରେ ହନୁମାନଙ୍କୁ ପୂଜା କରାଯାଉଥିଲା। କିଛି ବଦାନ୍ୟ ବ୍ୟକ୍ତି ଓ ପ୍ରଶାସନର ସହଯୋଗରେ ପାହାଡ଼ ଉପରେ ଏକ ବିରାଟ କାୟ ହନୁମାନ ମୂର୍ତ୍ତି ନିର୍ମାଣ କରାଯାଇଛି। ସେହି ଦିନ ଠାରୁ କୁଶାସରୁ ପାହାଡ଼ରେ ହନୁମାନ ପୂଜିତ ହୋଇଆସୁଛନ୍ତି। ହନୁମାନ ମନ୍ଦିର ପରିଚାଳନା କମିଟି ମଧ୍ୟ ଗଠନ କରାଯାଇଛି। ବର୍ତ୍ତମାନ ୨୪ ଫୁଟ ଉଚ୍ଚତା ବିଶିଷ୍ଟ ହନୁମାନ ମୂର୍ତ୍ତି ଓ ପାହାଡ଼ରେ ଥିବା ଶହଶହ ଚଇନ ଗଛ ମୁଖ୍ୟ ଆକର୍ଷଣ ସାଜିଛି। ପ୍ରତି ବର୍ଷ ହନୁମାନ ଜୟନ୍ତୀ ବା ପବିତ୍ର ପଣା ସଂକ୍ରାନ୍ତିରେ ମନ୍ଦିରରେ ଦିନ ତମାମ ହୋମ ଯଜ୍ଞ ସହ ହନୁମାନ ଚାଳିଶା ପାଠ କରାଯାଇଥିଲା। ଭକ୍ତଙ୍କ ଭିଡ଼ ଲାଗିରହିବା ସହ ପଣା ଓ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିଲା। ପରିଚାଳନା କମିଟି ର ବବ୍ରୁ ବାହାନ ବେହେରା, ନବ କିଶୋର ସାହୁ, ସୁଧୀର ପାତ୍ର, ପ୍ରଦୀପ ବେହେରା, ଚନ୍ଦ୍ର ମୋହନ ନାୟକ, ଉତ୍ତମ ଖମାରି, ରାଜେଶ କୁମାର ନାୟକ, ବିରାଟ ଦିଗାଲ,ସୁବ୍ରତ ମହାନ୍ତି, ଅର୍ଜୁନ କହଁର, ରମେଶ କହଁର, ତପନ ବେହେରା, ପ୍ରଦୀପ ମହାପାତ୍ରଙ୍କ ସହ ଅନ୍ୟମାନେ ଚଇନ ଗଛର ସୁରକ୍ଷା ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।



# ସବୁଠି ଆଧ୍ୟାତ୍ମିକ ପରିବେଶ, ଶ୍ରଦ୍ଧାଳୁଙ୍କ ଭିଡ଼

**ବିଭିନ୍ନ ସ୍ଥାନରେ ମେରୁଯାତ୍ରା ପାଳିତ**


ସାନଖେମୁଣ୍ଡି


ବେଲଗୁଣ୍ଠା


ଛତ୍ରପୁର


ଗଞ୍ଜାମ

## ସାନଖେମୁଣ୍ଡିରେ ମେରୁ ସଂକ୍ରାନ୍ତି

**ସାନଖେମୁଣ୍ଡି,୧୪ ।୪(ସମିସ):** ଗଞ୍ଜାମ ପାରମ୍ପାରିକ ଦଣ୍ଡଯାତ୍ରା ମହାବିଷୁବ ସଂକ୍ରାନ୍ତି ଅବସରରେ ଦଣ୍ଡଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ସାନଖେମୁଣ୍ଡିର ପାଟପୁର, ଜୟନଗର, ଏରେଣ୍ଡ୍ରା, ପଥରପୁଞ୍ଜି, କଉଡିଆ, ଭାଲ୍ୟାଝୋଲା, ଯୋଗୁଡ଼ି, କଲାରପଦର, ନୂଆଗାଁ, ତୀତିଖଣ୍ଡି, ପଳାସପୁର, ଚୁଡ଼ଙ୍ଗପୁର, ପଟିଗୁଡ଼ା, ଦଶେଇପୂର୍ ନୂଆଁଗାଁ, ପି.ରାମଚନ୍ଦ୍ରପୁର, ଖାରିଆଗୁଡା, ପୁରୁଣାଗଡ଼ ଗ୍ରାମରେ ଦଣ୍ଡ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଦିନ ମହାବୀର ହନୁମାନଙ୍କ ଜୟନ୍ତୀ, ଓଡିଆ ନବବର୍ଷ ବା ପଣାସଂକ୍ରାନ୍ତି ସହ ଦଣ୍ଡ ଯାତ୍ରା ଉଦ୍‌ଯାପନୀ ଦିବସ ବା ମେରୁ ସଂକ୍ରାନ୍ତି ଭାବେ ପାଳିତ ହୁଏ। ମେରୁ ସଂକ୍ରାନ୍ତି ଅବସରରେ ସମସ୍ତ କାଳୀ ମନ୍ଦିର ପୀଠ ତଥା ସମସ୍ତ ଦଣ୍ଡ ଦଳର ଉପତ୍ତି ସ୍ଥଳରେ ମନ୍ଦିର ବାହାରେ ଏକ ସ୍ୱତନ୍ତ୍ର ମଣ୍ଡପରେ ପ୍ରତିବର୍ଷ ମେରୁ ସଂକ୍ରନ୍ତି ପାଳିତ ହୁଏ। ମେରୁ ସଂକ୍ରାନ୍ତି ପୂର୍ବଦିନ ଦଣ୍ଡନାଚ ପରିବେଷର କରୁଥିବା ଦଳ ମଧ୍ୟ ନିଜ ଅଞ୍ଚଳ ଆଖ ପାଖରେ ପହଞ୍ଚି ଯାଅନ୍ତି। ୧୩ଦିନିଆ ଓ ୧୮ ଦିନିଆ ବିଭିନ୍ନ ଦଣ୍ଡ ପରିବେଷଣ ଦଳ ପକ୍ଷରୁ ଦଣ୍ଡ ନାଚ ସମୟରେ ବିଶେଷ ଭାବେ ଦୈବୀ କୃପା ଲାଭ କରିଥିବା ବ୍ୟକ୍ତିଙ୍କ ଦ୍ୱାରା ଅଗ୍ନିଦଣ୍ଡ ପରିବେଷଣ କରାଯାଏ। ଧୂଳିଦଣ୍ଡ ସମାପ୍ତ ପରେ ଜଳ ଘାଟରେ କାଳୀଙ୍କ ପୂଜା ହୋଇଥିଲା। ଭୁକ୍ତା ଓ ଗୁହାରିଆ ମାନଙ୍କର ମାନସିକ ପୂରଣ ହୋଇଥିବାରୁ ସେମାନେ ମା'ଙ୍କୁ ଦାନ ଦେଇଥିଲେ। ମାନସିକ ଧାରୀମାନେ ନିଜର ମାନସିକ ପୂରଣ କରିବା ପାଇଁ ଜଳ ଲାଗି କରିବା ପରେ ପୂଜା କାର୍ଯ୍ୟ ସମାପ୍ତ ହୋଇଥିଲା। ଏହା ପରେ ମେରୁ ଯଜ୍ଞ ସ୍ଥଳରେ ଦଣ୍ଡଯାତ୍ରାର ପୂଜକଙ୍କୁ ମେରୁ ଖୁଣ୍ଟରେ ଝୁଲେଇ ଦେଇ ଯଥାରୀତି ସହକାରେ ପୂଜାର୍ଚ୍ଚନା କରାଯାଇଥିଲା । ମେରୁ ପାଳନ କରୁଥିବା ଭକ୍ତ ମାନେ ଏହି ଦିନ ବିଶେଷ ଭାବେ ଉପବାସ ଓ ବ୍ରତ ପାଳନ କରିଥାନ୍ତି। ବିଭିନ୍ନ ମେରୁ ପଡିଆରେ ଜନ ସମାଗମକୁ ଦୃଷ୍ଟିରେ ରଖି ପାଟପୁର, ହିଞ୍ଜିଳି ଥାନା ଅଧିକାରୀ ଥାନା କର୍ମଚାରୀମାନଙ୍କୁ ନେଇ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

## କେରାଣ୍ଡିତୋଳାରେ ପାନୀୟ ଜଳ ବିତରଣ

**ଛତ୍ରପୁର:** ଛତ୍ରପୁର ବ୍ଲକ ଅନ୍ତର୍ଗତ କେରାଣ୍ଡିତୋଳା ନାରାୟଣପୁର ଗ୍ରାମରେ ବିଜେ ମା ଶ୍ୟାମାକାଳୀ ଦଣ୍ଡ ନୃତ୍ୟ ଦଳ ୧୮ ଦିନ ଧରି ବିଭିନ୍ନ ଗ୍ରାମରେ ତେର ଭୁକ୍ତା ଦଣ୍ଡ ନୃତ୍ୟ ପରିବେଷଣ କଲାପରେ ଅନ୍ତିମ ଦିବସ ମେଷ ସଂକ୍ରାନ୍ତି ଦିନ ମେରୁ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପୂର୍ବାହ୍ନରେ ଧୂଳିଦଣ୍ଡ ଓ ପାଣିଦଣ୍ଡ ପରିବେଷଣ କରାଯାଇ ପାଟଭୁକ୍ତାଙ୍କୁ ମେରୁ ଖୁଣ୍ଟରେ ଝୁଲା ଯାଇଥିଲା। ପୁରୋହିତ ବୁଲୁ ଶତପଥୀଙ୍କ ହୋମଯଜ୍ଞ ମନ୍ତ୍ର ଉଚ୍ଚାରଣ ସହ ମେରୁ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ମନ୍ଦିର କମିଟିର ସଭାପତି ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ନରହରି ପ୍ରଧାନ, କୋରା ମହାରଣା ପ୍ରମୁଖ ମେରୁ ମହୋତ୍ସବ ପରିଚାଳନା କରିଥିଲେ। ମେରୁ ପୂଜା କରିବା ପାଇଁ ନିକଟସ୍ଥ ଗ୍ରାମ ମାନଙ୍କରୁ ପ୍ରାୟ ୫ହଜାର ଭକ୍ତଙ୍କର ସମାଗମ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଚମାଖଣ୍ଡି ଥାନା ଅଧିନସ୍ଥ ଜଗନ୍ନାଥ ପୁର ଫାଣ୍ଡି ଅଧିକାରୀ ଅରୁଣ କୁମାର ରାଉତଙ୍କ ନେତୃତ୍ୱରେ ପୁଲିସ ବାହିନୀ ମୁତୟନ ଥିଲେ। ସମବେତ ଜନ ସାଧାରଣଙ୍କର ତୃଷା ମେଣ୍ଟାଇବା ଉଦ୍ଦେଶ୍ୟରେ ଶୁଭେନ୍ଦୁ-ସୁଧାଂଶୁ-ସୁଧୀର, ଚାରି ଟେବୁଲ୍ ସଂସ୍ଥା ଦ୍ୱାରା ମଧୁର ଶୀତଳ ଜଳ ବିତରଣ କରାଯାଇଥିଲ। ରୋଟାରି ଆସିଷ୍ଟାଣ୍ଟ ଗଭର୍ଣ୍ଣର କାମରାଜୁ ମହାରଣାଙ୍କ ସମେତ ବିକ୍ରମ ପାଣିଗ୍ରାହୀ, ଶିବ ପାଣିଗ୍ରାହୀ, ପ୍ରମୋଦ ପ୍ରଧାନ, ପ୍ରଭଞ୍ଜନ ପାଣିଗ୍ରାହୀ ପ୍ରମୁଖ ଜଳ ବିତରଣ କରିଥିଲେ। ମହାବୀର ହନୁମାନ ମୂର୍ତ୍ତିଙ୍କୁ ପୂଜା ଆରଧନା ଏବଂ ହନୁମାନ ଚାଳିଶା ପରିବେଷଣ କରାଯାଇ ଥିଲା ସମସ୍ତ କାର୍ଯ୍ୟକ୍ରମ ସଂଗଠିତ କରାଯାଇଥିଲା।

## କୋକଲୁଣ୍ଡାରେ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା

**ବେଲଗୁଣ୍ଠା:** ଦୀର୍ଘ ତେର ଦିନର ଦଣ୍ଡଯାତ୍ରା ପରେ ସମାପନ ହୋଇଯାଇଛି। ଦଣ୍ଡୁଆମାନଙ୍କ ବିଭିନ୍ନ ନୀତି ନିୟମ ପାଳନ ଓ ଗ୍ରାମ୍ୟ ଭ୍ରମଣ ପରେ ବିଶ୍ୱନାଥ ନାଟ୍ୟ ସଂଘ ଦ୍ୱାରା ଆୟୋଜିତ ହୋଇଥିଲା ସନ୍ଧ୍ୟାକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଓ ସାଂସ୍କୃତିକ ସନ୍ଧ୍ୟା। ଅତିଥି ଭାବେ ପୁରାତନ କମିଟି ପ୍ରଦୀପ ସାମଲ, ସୀତାରାମ ବରାଡ଼, କପିଳା ବରାଡ଼, ଯୋଗେନ୍ଦ୍ର ମଳିକ, ଧବଳେଶ୍ୱର ଜେନା, ମଦନ ସାମଲ, ଗନ୍ଧର୍ବ ମଳିକ, ମାର୍ଗଦର୍ଶକ ପଞ୍ଚାନନ ସାମଲ, ଉତ୍ତୁରା ଗ୍ରାମ ପଞ୍ଚାୟତ ସମିତିସଭ୍ୟ ସୁଧାଂଶୁ ଶେଖର ପୋଲାଇ ଓ ସ୍ୱତନ୍ତ୍ର ଅତିଥିରୂପେ ବେଲଗୁଣ୍ଠା ପ୍ରେସ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ରଙ୍କ ଉପସ୍ଥିତିରେ ଚଳିତ ବର୍ଷ ନାଟକର ଖ୍ୟାତନାମ ନିର୍ଦ୍ଦେଶକ ଶାନ୍ତନୁ ଓଝାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନା କମିଟିଙ୍କ ଦ୍ୱାରା ନାଟକକୁ ଜୀବନ୍ତ ରୂପ ଦେଇଥିବା କଳାକାର ହିମାଂଶୁ, ବାବୁଲା, ସଞ୍ଜୟ, ବିକ୍ରମ, ସ୍ୱସ୍ତି ସୁନ୍ଦର, ଅଶ୍ୱିନୀ, ଶିବରାମ ରାଉତ,ରିଙ୍କୁ ବରାଡ଼ କାହ୍ନା, ଭିକାରିଙ୍କୁ ସମ୍ମାନିତ କରାଯାଇଥିଲା। ଦୁଇଟି ନୃତ୍ୟ ସଂସ୍ଥା ବି ଏମ କରଞ୍ଜିଆ ଓ ଏ ବାବା, ଭୁବନେଶ୍ୱର ଦ୍ୱାରା ଶାଳୀନତା ଓ ସୃଜନଶୀଳତାର ଚମତ୍କାର ସଂଯୋଜନାରେ ବଶ୍ୱନାଥ ନାଟ୍ୟ ସଂଘର ପ୍ରଯୋଜିତ ନାଟକ "କାନ୍ଦେନା ଲୁହ ସରିଯିବ' ସବୁ ଦିଗରେ ଚଳିତ ଦଣ୍ଡପର୍ବରେ ନିଜର ପାରଦର୍ଶିତା ଦେଖାଇ ପାରିଛି। ନାୟକ ଭୂମିକାରେ ଅବତୀର୍ଣ୍ଣ ସ୍ୱସ୍ତି ସୁନ୍ଦରଙ୍କ ରଚନାଦକ ସଂଳାପ ପରିବେଷଣ ଶୈଳୀ, ଶବ୍ଦ ସଂଯୋଜନା, ଅଧ୍ୟାତ୍ମିକ ଚେତନା ଓ ଶୃଙ୍ଖଳିତ ଶିକ୍ଷିତ କଳାକାରଙ୍କ ନାଟକୀୟ ପ୍ରଦର୍ଶନ ସଭିଙ୍କୁ ମନମୋହିଛି। କୋକଲୁଣ୍ଡା ମଞ୍ଚ ନାଟକ ଦେଖିଥିବା ଲେକେ ଏହାକୁ ପ୍ରଶଂସା କରିଛନ୍ତି। ତେର ଦିନ ବ୍ୟାପି ଏହି କାର୍ଯ୍ୟକ୍ରମକୁ ଯୁବ କମିଟି ରମେଶ ପୋଲାଇ, କିରଣ ପଣ୍ଡା, ରୁଦ୍ର ପ୍ରସାଦ, ରାଜେଶ ବରାଡ଼, କାଳିଚରଣ, କାଳୁଚରଣ, ରବୀନ୍ଦ୍ର, ରାଜେଶ ପ୍ରଧାନ, ରାଜେନ୍ଦ୍ର ସାମଲ, ଚିତ୍ରସେନ, ତ୍ରିଲୋଚନ, ସାଗର, ବିକ୍ରମ ଜେନା, ମୁନା, ବାବୁଲି, ଦୀପକ, ପବିତ୍ର, ଭାବଗ୍ରାହୀ, ସୂର୍ଯ୍ୟା, ପିଣ୍ଟୁ ପ୍ରଧାନ, ରାଜେଶ, ନୂତନ, ଶଙ୍କର, ଯୋଗୀ, ଅନିଲ ସନାତନ ସାମଲ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ରେସ୍ୱଣ୍ଡ ଟ୍ରଷ୍ଟ ଅଧ୍ୟକ୍ଷ ସ୍ୱସ୍ତି ସୁନ୍ଦର ଆଜିର ସମ୍ବର୍ଦ୍ଧନା ସଭାକୁ ସଂଯୋଜନା କରିଥିବା ବେଳେ ରାଜେଶ ବରାଡ଼ ଧନ୍ୟବାଦ ଜ୍ଞାପନ କରିଥିଲେ।

## ମେରୁ ପର୍ବରେ ପ୍ରବଳ ଜନ ସମାଗମ

**ଗଞ୍ଜାମ:** ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର କଲେଜ ରୋଡ଼ ସ୍ଥିତ ମା ଦକ୍ଷିଣକାଳୀ ମନ୍ଦିରରେରେ ମେରୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ମେରୁ ସ୍ତମ୍ଭରେ ପାଟ ଭୁକ୍ତାଙ୍କୁ ଅଗ୍ନି କୁଣ୍ଡ ଉପରେ ଝୁଲାଇବା ଦୃଶ୍ୟରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଏ ଅବସରରେ ଧୂଳି ଦଣ୍ଡ ଓ ପାଣି ଦଣ୍ଡ ହୋଇଥିଲା। ପରମ୍ପାରିକ ପୂଜାର୍ଚ୍ଚନା କରାଯାଇ ୧୩ ଦିନିଆ ଦଣ୍ଡ ଯାତ୍ରା ଉଦଯାପିତ ହୋଇଥିଲା। ସେହିପରି ସ୍ଥାନୀୟ ଚୌଧୁରୀ ସାହିଠାରେ ଓ ଗଞ୍ଜାମ ବ୍ଲକ ଅନ୍ତର୍ଗତ ମଲାଡ଼ ପଞ୍ଚାୟତର ବରଦା ଗ୍ରାମରେ ମଧ୍ୟ ମେରୁଯାତ୍ରା ଅନୁଷ୍ଠିତ ହୋଇଥିଲା। ପରମ୍ପାରିକ ବାଦ୍ୟ ବାଜଣା ସାଙ୍ଗକୁ କଳା ରୁଦ୍ର ମଣିକୁ ଭଜହେ ଦଣ୍ଡୁଆ ମାନଙ୍କ ନାରାରେ ସ୍ଥାନୀୟ ଅଞ୍ଚଳରେ ଆଧାରିକ ପରିବେଶ ସୃଷ୍ଟି ହୋଇଥିଲା।

## ଛତ୍ରପୁର ଓ ଆଖପାଖରେ ମେରୁ ଯାତ୍ରା

**ଛତ୍ରପୁର,୧୪ ।୪(ସମିସ):** ଛତ୍ରପୁର ବ୍ଲକର ବିଭିନ୍ନ ଗ୍ରାମରେ ଥିବା ଦେବୀପୀଠରୁ ଆରମ୍ଭ ହୋଇଥିବା ଦଣ୍ଡଯାତ୍ରା ଉପଯାପିତ ହୋଇଛି। ଛତ୍ରପୁର ସ୍ଥିତ ବିରେଶ୍ୱର ଦକ୍ଷିଣ ଦଣ୍ଡକାଳୀ ମା'ଙ୍କ ପୀଠରେ ମଧ୍ୟ ମେରୁ ଯାତ୍ରା ଅନୁଷ୍ଠିତ ହୋଇଛି । ଏହି ବ୍ଲକର ସୀତାନଗର, କୁମାରବେଗପଲ୍ଲୀ, ସୂର୍ଯ୍ୟନଗର, ଲଣ୍ଡାବାଉଁଶ, ନନ୍ଦପଣ୍ଡାପଲ୍ଲୀ, କମାପଲ୍ଲୀ, ସିନ୍ଦିରାପଲ୍ଲୀ, କେରାଣ୍ଡିତୋଳା, ବିପୁଲିଙ୍ଗି ସମେତ ବିଭିନ୍ନ ଅଂଚଳରେ ମେରୁଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଯାତ୍ରାର ପରମ୍ପରା ହେଲା ପାଟଭୁକ୍ତାଙ୍କୁ କ୍ଷୀରରେ ସ୍ନାନ କରାଯାଇ ମେରୁ ଖୁଣ୍ଟରେ ଝୁଲା ଯାଇଥାଏ । ଏହାପରେ ପାଟଭୁକ୍ତା ମାନସିକଧାରୀଙ୍କୁ ତାଙ୍କ ହାତରେ ଆମ୍ବ, ଖଜୁରୀ କୋଳି ଦେଇଥାନ୍ତି। ଆଜି ସକାଳୁ ସକାଳୁ ଦଣ୍ଡୁଆମାନେ ଧୂଳିଦଣ୍ଡ କରି ପୋଖରୀ ତୁଠକୁ ଯାଇ ପାଣିଦଣ୍ଡ ଖେଳିବା ସହ ସ୍ନାନ କରି ମେରୁ ଯାତ୍ରାକୁ ଆସିଥାନ୍ତି। ବାଟରେ ମା'ଙ୍କୁ ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା ଭକ୍ତମାନେ କରିଥାନ୍ତି।

## ହନୁମାନ ଜୟନ୍ତୀ ପାଳିତ

**ଶେରଗଡ଼,୧୪ ।୪(ସମିସ):** ପବିତ୍ର ଓଡ଼ିଆ ନବବର୍ଷ, ମହାବିଷୁବ ସଂକ୍ରାନ୍ତି ହନୁମାନ ଜୟନ୍ତୀ ଅବସରରେ ଶେରଗଡ ବ୍ଲକର ବିଭିନ୍ନ ସ୍ଥାନରେ ଥିବା ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଶେରଗଡ ବଜାର ମଧ୍ୟରେ ଥିବା ହନୁମାନ ମନ୍ଦିର ରେ ପ୍ରଭୁ ହନୁମାନଙ୍କ ବିଗ୍ରହ ନିକଟରେ ବିଧି ମୁତାବକ ରୀତିନୀତି ସମ୍ପନ୍ନ ହୋଇଥିଲା। ଏ ଅବସରରେ ପୂର୍ବାହ୍ନରେ ବିଗ୍ରହଙ୍କ ସ୍ୱତନ୍ତ୍ର ପୂଜା, ଅର୍ପଣ ପରେ ସାମୂହିକ ହନୁମାନ ଚାଳିଶା ପାଠ ହୋଇ ସର୍ବସାଧାରଣଙ୍କୁ ପଣା ବଣ୍ଟନ କରାଯାଇଥିଲା। ଏ ଅବସରରେ ଶେରଗଡ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମହାବିଷୁବ ପଣା ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଏବଂ ହନୁମାନ ଜୟନ୍ତୀ ଅବସରରେ ପଥଚାରୀ ମାନଙ୍କୁ ପଣା ବଣ୍ଟନ କରାଯାଇଥିଲା।

## ମାନବ କଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପଣା ବଣ୍ଟନ



**ଛତ୍ରପୁର,୧୪ ।୪(ସମିସ):** ପଣା ସଂକ୍ରାନ୍ତି ଅବସରରେ ଛତ୍ରପୁର ମାନବ କଲ୍ୟାଣ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଭିଆଇପି ରୋଡ଼ ତଥା ଷ୍ଟାଡିଅମ ନିକଟରେ ଏକ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହରପ୍ରସାଦ ସାହୁ, ପ୍ରଦୀପ କୁମାର ସାହୁ, ଇ. ରାଜକୁମାର, କେ. ସାଧନ, ଇ. କଲ୍ୟାଣ, ସତୀଶ, ମନୋଜ ନାୟକ, ସଦାନନ୍ଦ ସାହୁ, ଗୁପ୍ତ ବାବୁ, ପ୍ରଦୀପ ସେନାପତି, ଅରୁଣ କୁମାର ପଣ୍ଡା, କେ. କମଳା କରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇ ଭକ୍ତ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ପଣା ବଣ୍ଟନ କରିଥିଲେ।

## ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ ପାଳିତ



**ଛତ୍ରପୁର,୧୪ ।୪(ସମିସ):**ଛତ୍ରପୁରଠାରେ ୧୩୪ ତମ ଜିଲ୍ଲାସ୍ତରୀୟ ଭାରତ ରତ୍ନ ଡ. ବାବା ସାହେବ ଭୀମରାଓ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଯାଇଛି। ଚଳିତବର୍ଷ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଉଥିବାରୁ ଏବଂ ଆଦର୍ଶ ଆଚରଣ ବିଧି ବଳବତ୍ତର ଥିବାରୁ ଏହି ଉତ୍ସବକୁ ସରକାରୀ ନିୟମ ପ୍ରକାରେ ପାଳନ କରାଯାଇଛି। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଭାରତ ରତ୍ନ ଡ. ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ତୈଳ ଚିତ୍ରରେ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସ୍ମୃତି ଚାରଣ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ତାଙ୍କର ପ୍ରାରମ୍ଭିକ ଭାଷଣରେ କହିଥିଲେ ଯେ, ଭାରତ ରତ୍ନ ଡ. ବାବା ସାହେବ ଭୀମରାଓ ଆମ୍ବେଦକର ସ୍ୱତନ୍ତ୍ରତା, ସମତା ଓ ସାମାଜିକ ନ୍ୟାୟ ଆଧାରିତ ସମାଜ ନିର୍ମାଣ କରିବା ପାଇଁ ଆଜୀବନ ପ୍ରଚେଷ୍ଟା କରିଥିଲେ। ସେଥିପାଇଁ ସେ ରାଜନୈତିକ ସ୍ୱାଧୀନତାଠାରୁ ସାମାଜିକ ସ୍ୱାଧୀନତାକୁ ଗୁରୁତ୍ୱ ଦେଇଥିଲେ। ତାଙ୍କ ମତରେ ଦେଶରେ ରାଜନୈତିକ ସ୍ୱାଧୀନତା ପ୍ରାପ୍ତ କରିବା ସହଜ, କିନ୍ତୁ ସହସ୍ର ବର୍ଷ ଧରି ଭାରତୀୟ ସମାଜରେ ବ୍ୟାପ୍ତ ଅସ୍ପୃଶ୍ୟତା ଦୂର କରିବା ଅତ୍ୟନ୍ତ କଠୋର କାର୍ଯ୍ୟ। ବରିଷ୍ଠ ସାମ୍ବାଦିକ ତଥା ଅଧ୍ୟାପକ ଭି ରାଜେନ୍ଦ୍ର ରାଜୁ ଅତିଥି ଭାବେ ଯାଗଦେଇ କହିଥିଲେ ଯେ, ଆମ୍ବେଦକର ଅସ୍ପୃଶ୍ୟତା ଦୂର କରିବା ରାଷ୍ଟ୍ର ହିତ ପାଇଁ କେବଳ ଆବଶ୍ୟକ ନୁହେଁ ମାନବ କଲ୍ୟାଣ ପାଇଁ ଗୁରୁତ୍ୱପୂର୍ଣ୍ଣ। ଦେଶ ଭକ୍ତିର ସଂକଳ୍ପନା କେବଳ ରାଜନୈତିକ ସ୍ୱାଧୀନତା ମଧ୍ୟରେ ସୀମିତ ନୁହେଁ। ସାମାଜିକ ସ୍ୱତନ୍ତ୍ରତା ପାଇଁ ମଧ୍ୟ ପ୍ରଚେଷ୍ଟା ହେବା ଆବଶ୍ୟକ। ଡ. ଆମ୍ବେଦକର ନିଜର ସମଗ୍ର ଜୀବନ ଏହି ଯଜ୍ଞରେ ଆହୁତି ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସମାଜସେବୀ ଅରୁଣ କୁମାର ଶତପଥୀ ଯୋଗ ଦେଇ କହିଥିଲେ ଯେ, ସମାଜରୁ ଅସ୍ପୃଶ୍ୟତା ଦୂର କରିବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ରାଷ୍ଟ୍ରର ହିତ ଥିଲା ତାଙ୍କର ସର୍ବ ପ୍ରଥମ କର୍ତ୍ତବ୍ୟ। ଆମ୍ବେଦକର ଆମ ଦେଶ ପାଇଁ ସମ୍ବିଧାନ ପ୍ରଣୟନ କରିଥିଲେ ଯାହାକି ଦେଶର ବୃହତ୍ତମ ସମ୍ବିଧାନ। ଦୁସ୍ଥ, ନିଷ୍ପେସିତ ମାନେ ସମାଜର ମୁଖ୍ୟ ସ୍ରୋତରେ ଯେପରି ସାମିଲ ହୋଇ ପାରିବେ ସେଥିପାଇଁ ସେ ନିରନ୍ତର ପ୍ରଚେଷ୍ଟା କରିଥିଲେ। ନିଜର ୬୫ବର୍ଷ ଜୀବନକାଳ ମଧ୍ୟରେ ସର୍ବାଧିକ ଅବହେଳାର ଶିକାର ହୋଇ ଭାରତର ସମଗ୍ର ସନ୍ତୁଳିତ ବିକାଶ ପାଇଁ ତାଙ୍କର ବହୁମୂଲ୍ୟ ଯୋଗଦାନ ଅତୁଳନୀୟ। ଏହି ଉତ୍ସବରେ ଟ୍ରେଜେରୀ କାର୍ଯ୍ୟାଳୟର ଡି. ଶ୍ରୀନିବାସ ପ୍ରଧାନ, କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସାମ୍ବାଦିକ ବନ୍ଧୁଗଣ ଯୋଗ ଦେଇଥିଲେ। ଶେଷରେ ସମାଜସେବୀ ଅରୁଣ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

**ଛତ୍ରପୁରରେ ହନୁମାନ ଜୟନ୍ତୀ**

## ବିଜେଡି ବିଧାୟକ ପ୍ରାର୍ଥୀଙ୍କ ପୂଜାର୍ଚ୍ଚନା



**ବ୍ରହ୍ମପୁର,୧୪ ।୪(ସମିସ):** ଓଡିଆ ନବବର୍ଷ ଆରମ୍ଭ ବିଷୁବ ସଂକ୍ରାନ୍ତି ଅବସରରେ ଛତ୍ରପୁର ଏବଂ ଆଖପାଖ ଅଞ୍ଚଳରେ ହନୁମାନ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି। ପୋଡପଦର ପଞ୍ଚାୟତ କୁମାର ବେଗପଲ୍ଲୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ୧୦୮ ହନୁମାନ ଚାଳିଶା, ହୋମଯଜ୍ଞ ଏବଂ ପୂଜାର୍ଚ୍ଚନା ହୋଇଥିଲା। ଏ ଅବସରରେ ଛତ୍ରପୁର ସହର ସମେତ ଏହାର ଆଖପାଖ ଅଞ୍ଚଳର ଭକ୍ତଙ୍କ ସମାଗମ ହୋଇଥିଲା। ମହାବୀରଙ୍କ ଦର୍ଶନ କରିବା ସହ ହନୁମାନ ଚାଳିଶାରେ ଭାଗ ନେଇଥିଲେ। ମଧ୍ୟାହ୍ନରେ ଅନ୍ନ ପ୍ରସାଦ ପରେ ସନ୍ଧ୍ୟାରେ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହପରି ଛତ୍ରପୁର ରେଣ୍ଡି ସାହି ଛକଠାରେ ଥିବା ହନୁମାନ ବିଗ୍ରହଙ୍କ ରିତୀନିତୀ ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ହନୁମାନଙ୍କ ଅନ୍ନ ଭୋଗ ଅନୁଷ୍ଠିତ ହୋଇଥିଲା। ପୁତି ଗୋପାଳପୁର ଗ୍ରାମ ନିକଟରେ ଥିବା ହନୁମାନ ବିଗ୍ରହ ମଧ୍ୟ ଆଜି ପୂଜା ପାଇଥିଲା। ଏଥିରେ ଛତ୍ରପୁର ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ସୁବାଷ ଚନ୍ଦ୍ର ବେହେରା, ପୂର୍ବତନ କାଉନସିଲର ତଥା ବିଜେଡି ନଗର ସଭାପତି ବି. ରାଜିବାବୁ, ପୂର୍ବତନ କାଉନସିଲର ବି. ଜୟନ୍ତି ଦୋରା,କାଉନସିଲର ଟି. ଗଣେଶ ରେଡ୍ଡୀ ଙ୍କ ସମେତ ବହୁ ଶ୍ରଦ୍ଧାଳୁ ମାନେ ଯୋଗ ଦେଇ ହନୁମାନଙ୍କୁ ପୂଜାର୍ଚ୍ଚନା କରିଥିଲେ। ସହରର ଜେଲ ନିକଟସ୍ଥ ହନୁମାନ ମନ୍ଦିର, ରେଳଷ୍ଟେସନ ନିକଟ ମହାବୀର ନଗର ହନୁମାନ ମନ୍ଦିର, ରିକାପଲ୍ଲୀ ସ୍ଥିତ ଭଣ୍ଡାରୀସାହି ହନୁମାନ ବିଗ୍ରହ, ତାଡେପଲ୍ଲୀ ସାହିସ୍ଥିତ ଜଗନ୍ନାଥ ମନ୍ଦିରରେ ଥିବା ହନୁମାନ ମନ୍ଦିର, ପିଲିବନ୍ଧ ହନୁମାନ ମନ୍ଦିର, ଗୌରୀଶଙ୍କର ମନ୍ଦିର ନିକଟସ୍ଥ ହନୁମାନ ବିଗ୍ରହ ପ୍ରତିମୂର୍ତ୍ତି, ପୋଡାପଦର ଗ୍ରାମର ହନୁମାନ ବିଗ୍ରହ, ଚିକଲଖଣ୍ଡି ଗ୍ରାମ ହନୁମାନ ବିଗ୍ରହପ୍ରତିମୂର୍ତ୍ତି ଠାରେ ଜୟନ୍ତୀକୁ ପାଳନ କରାଯାଇଛି। ଏଥିସହ ବିଭିନ୍ନ ଗଳିକନ୍ଦିରେ ହନୁମାନ ଜୟନ୍ତୀ ଅବସରରେ ପଣା ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା।

## ମହାବୀର ହନୁମାନ ଜୟନ୍ତୀ ପାଳିତ, ପଣା ବଣ୍ଟନ

**ଗଞ୍ଜାମ,୧୪ ।୪(ସମିସ):** ଗଞ୍ଜାମ ସହର ସ୍ଥିତ ଦାମୋଦରପୁର ଗ୍ରାମରେ ମହାବୀର ହନୁମାନ ଙ୍କ ଠାରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଏ ଅବସରରେ ସ୍ଥାନୀୟ ଯୁବଗୋଷ୍ଠିଙ୍କ ଦ୍ୱାରା ପରିଚାଳିତ ହନୁମାନଙ୍କ ନିକଟରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ହନୁମାନ ଚାଳିସା ପଠନ କରା ଯାଇଥିଲା। ପଣ୍ଡା ସାହି ଷ୍ଟେସନ ରୋଡ଼ ସମେତ ଗଞ୍ଜାମ ସହରାଞ୍ଚଳ ଓ ବିଭିନ୍ନ ପଞ୍ଚାୟତ ମାନଙ୍କର ହନୁମାନ ମନ୍ଦିର ଓ ପ୍ରତିମୂର୍ତ୍ତୀ ମାନଙ୍କ ନିକଟରେ ହନୁମାନ ଜୟନ୍ତୀ ଆଡମ୍ବର ସହକାରେ ପାଳିତ ହୋଇଥିବା ଦେଖିବାକୁ ମିଳିଥିଲା। ଗଞ୍ଜାମରେ ବିଷୁଭ ସଂକ୍ରାନ୍ତି ରେ ପବିତ୍ର ମାହା ବିଷୁଭ ସଂକ୍ରାନ୍ତିରେ ଗଞ୍ଜାମ ସହରସ୍ଥିତ କଲେଜ ରୋଡ଼ରେ ସୁଧିର ପାଢ଼ୀଙ୍କ ତତ୍ତ୍ୱାବଧାନରେ ପଣା ବଣ୍ଟନ କରାଯାଇଥିଲା। ଗ୍ରୀଷ୍ମ ପ୍ରବାହରେ ସ୍ଥାନୀୟ ମେରୁଯାତ୍ରା ଦେଖିବାକୁ ଆସୁଥିବା ଶ୍ରଦ୍ଧାଳୁ ମାନେ ପଣା ପିଇ ଆଇତୃପ୍ତି ଲାଭ କରୁଥିବା ଲକ୍ଷ କରାଯାଇଥିଲା।

## ଲକ୍ଷେ ଆଠ ବେଲପତ୍ରରେ ରାମନାମ ଲେଖିଲେ ଶ୍ରଦ୍ଧାଳୁ

**୧ କୋଟି ରୁଦ୍ରାକ୍ଷରେ ହନୁମାନ ବିଗ୍ରହ ସ୍ଥାପନ**

**ଆସିକା,୧୪ ।୪(ସମିସ)**



ଆସିକା ବାଣୀବିହାର ଗୁରୁକୃପା ଆଶ୍ରମରେ ଏକ ନିଆରା ଢଙ୍ଗରେ ପାଳିତ ହୋଇଛି ହନୁମାନ ଜୟନ୍ତୀ। ବେଲପତ୍ର ଉପରେ ହନୁମାନ ସିନ୍ଦୁରରେ ତୁଳସୀ କାଠି ସାହାଯ୍ୟରେ ୧ ଲକ୍ଷ ଆଠ ରାମନାମ ଲେଖା ପତ୍ରକୁ ପ୍ରଭୁ ହନୁମାନଙ୍କୁ ଅର୍ପଣ କରାଯାଇଥିଲା। ଏପରିକି ୧୦୮ ଥର ଗାୟତ୍ରୀ ପାଠ ଓ ୨୧ଥର ହନୁମାନ ଚାଳିଶା ଭକ୍ତମାନେ ପଠନ କରିଥିଲେ। ହନୁମାନ ଜୟନ୍ତୀ ପାଇଁ ସଂଗୃହିତ ହୋଇଛି କୋଟିଏ ରୁଦ୍ରାକ୍ଷ। ଏହି ରୁଦ୍ରାକ୍ଷକୁ ନେପାଳ, ଋଷିକେଶ ଓ ହରିଦ୍ୱାର ଅଂଚଳରୁ ସଂଗୃହିତ କରାଯାଇଥିବା ଜଣାଯାଇଛି। ସେହିଭଳି ଦେଶର କୋଣ ଅନୁକୋଣରେ ଥିବା ସାଧକଙ୍କ ଦ୍ୱାରା ଭିନ୍ନ ଭିନ୍ନ ଭାଷାରେ ଲେଖିଥିବା ରାମନାମ ପତ୍ରିକା ଆସିଛି। ଯାହାକି ନାମ ମନ୍ଦିର ନିର୍ମାଣ ଉଦ୍ଦେଶ୍ୟରେ ଆସିଥିବାରୁ ଏସବୁକୁ ପୂଜା କରାଯାଇଛି। ଯାହାସବୁ ଗଛିତ ହୋଇଛି ଏବେ ଗୁରୁକୃପା ଆଶ୍ରମରେ। ଆସିକା ବାଣୀବିହାର ସ୍ଥିତ ଗୁରୁକୃପା ଆଶ୍ରମରେ ହନୁମାନ ଜୟନ୍ତୀ ଅବସରରେ ଏଠାରେ ନଅ ଶହ କୋଟି ଗଛିତ ନାମ ପତ୍ରିକାକୁ ପୂଜା ହୋଇଛି। ଆଶ୍ରମ ପ୍ରତିଷ୍ଠାତା ସଦଗୁରୁ ଶ୍ରୀ ଆଁାରାମ ମହାରାଜଙ୍କ ନିର୍ଦ୍ଦେଶରେ ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ରଙ୍କ ଭାବ ଧାରାର ପ୍ରସାର ଏହାର ମୂଳ ଉଦ୍ଦେଶ୍ୟ ବୋଲି କୁହାଯାଇଛି। ତୁଳସୀ କାଠି ଦ୍ୱାରା ହନୁମାନ ସିନ୍ଦୁରକୁ ବେଲପତ୍ର ଉପରେ ରାମନାମ ଲେଖି ହନୁମାନଙ୍କୁ ଅର୍ପଣ କରିବା ଏବଂ ୧୦୮ ଥର ଗାୟତ୍ରୀ ସହ ୨୧ଥର ହନୁମାନ ଚାଳିଶା ବୋଲି ଭକ୍ତମାନେ ନିଆରା ଢଙ୍ଗରେ ହନୁମାନ ଜୟନ୍ତୀ ପାଳନ କରିଥିଲେ। ଏ ଅବସରରେ ଏକ କୋଟି ରୁଦ୍ରାକ୍ଷରେ ବିଗ୍ରହ ସ୍ଥାପନ ଓ ୯ଶହ କୋଟି ନାମ ଉନ୍ମୋଚନ ସମସ୍ତ ଭକ୍ତ ବୃନ୍ଦକୁ ବିଭଳିତ କରିଥିବାରୁ ଅଞ୍ଚଳ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ସେହିଭଳି ଆସିକା ଅଞ୍ଚଳର ସବୁରି ହନୁମାନ ମନ୍ଦିର ପରିସରରେ ଉତ୍ସବ ମୁଖର ଥିବା ବେଳେ ହନୁମାନ ଜୟନ୍ତୀ ଅବସରରେ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ସେପଟେ ମହା ବିଷୁବ ସଂକ୍ରାନ୍ତି ଅର୍ଥାତ ପଣା ସଂକ୍ରାନ୍ତି ଅବସରରେ ବିଭିନ୍ନ ସ୍ଥାନରେ ବିଭିନ୍ନ ସଂଗଠନ ତରଫରୁ ମନ୍ଦିର ପରିସରରେ ପଣା ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଥିଲା।

